
ମାସିକ ଇ-ପତ୍ରିକା

# ଆମ କବିତା

ପ୍ରଥମ ବର୍ଷ । ଦ୍ୱାଦଶ ସଂଖ୍ୟା । ଡ଼ିସେମ୍ବର ୨୦୨୨



# ଆମ କବିତା


**ମାର୍ଗଦର୍ଶକ**

ଡ. ପ୍ରମୋଦ ଚନ୍ଦ୍ର ଦାଶ

**ଉପଦେଷ୍ଟା ମଣ୍ଡଳୀ**

ବିଭୁପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

ନିଶିକାନ୍ତ କହଲସିଂହ

**ସମ୍ପାଦକ**

ସମରଜିତ ପଟ୍ଟନାୟକ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ବାବାଜୀ ଜେନା

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଇ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ




ଗାଆଁରେ ଫଳନ୍ତା ଫୁଲକୋବି-
କିଆରିରେ ଟ୍ରାକ୍ଟର୍ ଚାଲୁଛି.....
ଫାଟିଯାଉଛି ଚଷାପୁଅର ଛାତି.....,
ରାଜଧାନୀ ରାଜରାସ୍ତା କଡ଼ରେ
ଶୀତବସ୍ତ୍ରର ମେଳଣ......
ଦୋକାନରେ..... ବଡି ଲୋସନ୍.......
କୋଲ୍ଡ କ୍ରିମ୍ ର ଲମ୍ବା ପଟୁଆର.....,
ଶୀତ ସହ ଯୁଦ୍ଧ କରିବାର
ଅଦମ୍ୟ ଇଚ୍ଛା ସବୁରି ମନରେ.....
ହେଲେ.......
ଦେଖାନାହିଁ ଶୀତର.........।
ଅର୍ଚ୍ଚନା ମାନଙ୍କର ଆତ୍ମ ଅଭିମାନ.....
ଅମ୍ରିତ୍ ମାନଙ୍କର ଅପହରଣ.......
ଗୋବିନ୍ଦ ସାହୁ ମାନଙ୍କର ଆତ୍ମହତ୍ୟା......
ସବୁଠି ସନ୍ଦେହର ଘନ କୁହୁଡ଼ି.....।
ଏମିତି ଏକ ଫିକା ମନ.......
ଭାରାକ୍ରାନ୍ତ ହୃଦୟକୁ ନେଇ
ଫେରିଯାଉଛି ଦି'ହଜାର ବାଇଶ.....,
କିଏ ଜାଣେ......? ଏକ ନୂତନ-
ସ୍ୱଚ୍ଛ ସବୁଜ ସକାଳ ନେଇ
ଆଉ ଏକ କାଳଖଣ୍ଡ ଆସୁଛି କି କ'ଣ.......??

ସମରଜିତ୍ ପଟ୍ଟନାୟକ


ଆମରି ସତ୍ୟ

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା

ଯୋଗାଯୋଗ : ୯୪୩୭୨୮୧୬୫୫, email : amarisatya@gmail.com

ଆମ କବିତା

ଡିସେମ୍ବର
୨୦୨୨


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ପ୍ରୀତି ପୂଜାରିଣୀ | ସୁଜାତା ଗିରି | ୫ |
| ୨ . | ଧିରେ ଧିରେ ସଂଧ୍ୟା | ଡ.ରଜତ କୁମାର ଷଡଙ୍ଗୀ | ୬ |
| ୩. | ଝରିଯିବା ମୋର ଭାଗ୍ୟ | ବଂଶୀଧର ପଣ୍ଡା | ୭ |
| ୪. | ବେଳାଭୂମିୟ କବିତା | ତପନ ଦୀକ୍ଷିତ | ୭ |
| ୫ | ପଉଷର ଦୀର୍ଘଶ୍ୱାସ | ପୂର୍ଣ୍ଣ ଦାସ | ୮ |
| ୬. | ଶୀତ ସକାଳର ଚିଠି | ରମେଶ ମଙ୍ଗରାଜ | ୮ |
| ୭ | କ୍ଳାନ୍ତ ଏଇ ଜୀବନ ! | ଅଂଜଳି ଦାସ | ୯ |
| ୮. | କେମିତି କହିବି.... | ସୁକାନ୍ତି ମିଶ୍ର | ୯ |
| ୯. | ସ୍ୱପ୍ନ | ସୌମ୍ୟଶ୍ରୀ ପଣ୍ଡା | ୧୦ |
| ୧୦ | ଜିତୁ ଜିତୁ ଯାଏ ହାରି | ରଞ୍ଜିତା ମିଶ୍ର | ୧୧ |
| ୧୧ | ପାଣ୍ଡୁଲିପି ହୋଇ ରହିଗଲା ପ୍ରେମ | ତାରାପ୍ରସାଦ ଜେନା | ୧୧ |
| ୧୨. | ପ୍ରଥମ ଛୁଆଁ | ଆଶୁତୋଷ ମେହେର | ୧୨ |
| ୧୩. | ପ୍ରୀତି - ହୁଏ ବି ଏମିତି | ଦିବାକର ନାୟକ | ୧୩ |
| ୧୪. | ତୁମେ ଯେବେ ଖୋଜିବ | ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ | ୧୪ |
| ୧୫. | ଥରଟିଏ କହି ଦେଖ | ସୁମିତା ବେହେରା ବାପି | ୧୫ |
| ୧୬. | ପ୍ରେମ | ବନଜା ପ୍ରଧାନ | ୧୬ |
| ୧୭. | ପହିଲି ନଜର | ଅନିତା ପଣ୍ଡା | ୧୭ |
| ୧୮. | ମାନସ କନ୍ୟା | ଗାୟତ୍ରୀ ବେହୁରା | ୧୭ |
| ୧୯. | ମୁଁ ଜଣେ ଓଡ଼ିଆ କହୁଛି | ଡ. ଆରତୀ ପଟ୍ଟଯୋଷୀ | ୧୯ |
| ୨୦ | ସୁପ୍ରଭାତ ଚିଠି | ସନ୍ତୋଷ କୁମାର ପଟ୍ଟନାୟକ | ୨୦ |
| ୨୧. | ପୂର୍ଣ୍ଣତା କେଉଁଠି...??? | ଜୟନ୍ତୀ ସ୍ୱାଇଁ | ୨୧ |
| ୨୨. | କବି ଓ କବିତା | ସ୍ୱପନ କୁମାର ଘୋଷ | ୨୨ |
| ୨୩. | ମୁଖା | ପ୍ରଜ୍ଞା ମହାନ୍ତି | ୨୩ |
| ୨୪. | ଜନତା ଜନାର୍ଦ୍ଦନ! | ବିଭୁପ୍ରସାଦ ମହାପାତ୍ର | ୨୩ |
| ୨୫. | ଭିନ୍ନ ଯନ୍ତ୍ରଣା | ସୁହଂସ ଭୋଇ | ୨୪ |
| ୨୬. | କହିଲା ପରେ ଦେଲୁନି ଥରେ | ନିରୁପମା ପାଣି | ୨୫ |
| ୨୭. | ପଦେ ମୁଁ କହୁଛି ମନେ ରଖିଥା | ରାଜାରାମ ବେହେରା | ୨୬ |
| ୨୮. | ତୁ' ଆଉ ମୁଁ | ରାଜଗୁରୁ ସିଓ | ୨୭ |
| ୨୯. | ଶୀତ ଗୀତ | ବାସନ୍ତୀ ଦାସ | ୨୮ |
| ୩୦. | କୁନି ହେଲେ ବି କର୍ମ ତ ବଡ଼ | ସନ୍ତୋଷ କୁମାର ପଣ୍ଡା | ୨୯ |
| ୩୧. | ଆସିଲା ଶୀତ | କୈଳାଶଚନ୍ଦ୍ର ବେହେରା | ୩୦ |
| ୩୨. | ଶୀତ | ବ୍ରଜେଶ୍ୱରୀ ସିଂହ | ୩୧ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୩୨. | ପ୍ରାରବ୍ଧ | ଚୁମୁକି ଦାଶ (ମିଶ୍ର) | ୩୧ |
| ୩୩. | ଶ୍ରୀରାମ ବନ୍ଦନା | ଜ୍ୟୋତିପ୍ରଭା ପଟ୍ଟନାୟକ | ୩୨ |
| ୩୪. | ଗଙ୍ଗଶିଉଳି | ସୂର୍ଯ୍ୟକାନ୍ତି ଦାଶ | ୩୩ |
| ୩୫. | ଧୂଆଁ | ବସନ୍ତ କୁମାର ସାହୁ | ୩୩ |
| ୩୬. | ପରିବର୍ତ୍ତନର ସ୍ୱର...... | କିଶୋର ଚନ୍ଦ୍ର ପ୍ରଧାନ | ୩୪ |
| ୩୭. | ତୁମରି ଶରଣେ ରଖ | ବାସନ୍ତୀ ଦେଈ | ୩୫ |
| ୩୮. | ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ | ଅଳକା ଦାସ | ୩୬ |
| ୩୯. | ନିବେଦନ | ସୁରେଶ ଚନ୍ଦ୍ର ରଥ | ୩୭ |
| ୪୦. | ଭଙ୍ଗା ସିଲଟ | ରେଣୁକା ରଥ | ୩୮ |
| ୪୧. | ଶୀତକୁ ହୁଏନା ଚିହ୍ନି | ଯମେଶ୍ୱର କହଲସିଂହ | ୩୮ |
| ୪୨. | ହେ ବିଦାୟୀ ବର୍ଷ ! | ନିଶିକାନ୍ତ କହଲସିଂହ | ୩୯ |
| ୪୩. | ମୃତ୍ୟୁ | ସାରଙ୍ଗଧର ଷଡ଼ଙ୍ଗୀ | ୪୦ |

# ପ୍ରୀତି ପୂଜାରିଣୀ

ସୁଜାତା ଗିରି

ପ୍ରୀତି ଉପାସନା ପାଇଁ
ରଚିଲି ମୁଁ ଅଭିସାର
ପାଗଳିନୀ ଭାବି ତୁମେ
କଲ ମୋତେ ପରିହାର ।।୦।।
ତୁମ ଖୁସି ପାଇଁ ସିନା
ସଜାଇଲି ନିଜ ରୂପ
ହୃଦୟ ବେଦୀରେ ମୋର
ଜାଳିଲି କାମନା ଧୂପ
ତୁମର ସେ ମନ ନାହିଁ
ମନଟିଏ ବୁଝିବାର
ପ୍ରୀତି ଉପାସନା ପାଇଁ
ରଚିଲି ମୁଁ ଅଭିସାର ।।୧।।
ଅଶାର ପ୍ରଦୀପ ଲିଭି
ମନେ ଆଜି ନୀରବତା
ଜାଣେନା କା' ଅଭିଶାପେ
ଉପଶମ ହୀନ ବ୍ୟଥା
ଫେରାଇ ହୁଏନା ମନ
ଦେଲାପରେ ଉପହାର
ପ୍ରୀତି ଉପାସନା ପାଇଁ
ରଚିଲି ମୁଁ ଅଭିସାର ।।୨।।

ଚନ୍ଦନେଶ୍ୱର ,ବାଲେଶ୍ବର

# ଧିରେ ଧିରେ ସଂଧ୍ୟା

ଡ. ରଜତ କୁମାର ଷଡଙ୍ଗୀ

କାହିଁ କେତେବେଳୁ ଶୁଭିଲାଣି
କେଁ କଚର ଚିଁ ଚାଁ କୋଳାହଳ ,
ବୃଦ୍ଧ ବଟ ଅଶ୍ୱତ୍ଥ ଡାଳରେ
ରାସ୍ତା ଉପରେ ଜମିଲାଣି
ଘର ଫେରନ୍ତା ପଥିକର ପଦପାତ
ଚା' ଖଟିରେ ଚଳଚଂଚଳ ,
ଢେଙ୍କିଶାଳରୁ ଢେଙ୍କାନାଳର
ଚହଲ ପହଲ ।।

ଏଇ ମାତ୍ର ଖବରରେ
ସଫଳ ପରମାଣୁ ପରୀକ୍ଷଣ ଶଂଖନାଦ ,
ଅନ୍ୟପଟେ
ଯୁଦ୍ଧ ଥମିବାର ଆଶ୍ୱାସନା
ଅଶ୍ୱସ୍ତି ଆଶ୍ୱସ୍ତିର  ବିଡ଼ମ୍ବନା
କବଳିତ କରେ ବିଚାରର ଦ୍ୱନ୍ଦ ।।

ସହରୀ ରାସ୍ତାରେ
ବସ୍ ଫେରୁଥାଏ ବେଫିକର
ବେପରୱା ସନ୍ୟାସୀଟେ ପରି
ବସ୍ ଷ୍ଟାଣ୍ଡ ନିଶ୍ୱାସ ନେଉଥାଏ ଉଠା
ଦୋକାନୀ ଚଟ୍ ପଟି
ବିକାଳିଙ୍କ
ବେପାରୀ କଣ୍ଠର ଛନ୍ଦରେ ।।

ଗାଁ ଏବେ ମଶାଣିର ଖାଁ ଖାଁ ପରି
ଉତାରି ଆଣୁଥାଏ ବୈରାଗ୍ୟ , ଗୈରିକ
ମନରେ ଢାଙ୍କୁ ଥାଏ
ଘର ଫେରନ୍ତା
ଟ୍ରାକ୍ଟରର ଟ୍ରଲିରେ ବୁହା ହୋଇ
ଫେରୁଥିବା ଶ୍ରମିକଙ୍କ ବୁନ୍ଦା ବୁନ୍ଦା ଝାଳ ।।

ଧିରେ ଧିରେ ସଂଧ୍ୟା ଫେରୁଥାଏ
ମନ୍ଦିରର ଖୋଳ କରତାଳ
ଘଣ୍ଟା ଘଣ୍ଟିର ଶବ୍ଦରେ
ଯୁଦ୍ଧ ଫେରନ୍ତା ସୈନିକଟେ ପରି
ଘରଣୀଙ୍କ ସଂଧ୍ୟା ସଳିତାରେ
ସଜେଇ ହେଉଥାଏ
ଆଗାମୀ ସକାଳର ପ୍ରକାଶ ,
ଧିରେ ଧିରେ ସଂଧ୍ୟା ପ୍ରବାସରୁ
କରୁଥିଲା ପୃଥିବୀ ପ୍ରବେଶ ।।

*

ବୋରିଗୁମ୍ମା, କୋରାପୁଟ

# ଝରିଯିବା ମୋର ଭାଗ୍ୟ

**ବଂଶୀଧର ପଣ୍ଡା**

ପାହାନ୍ତି ଶେଷର କାକରେ କାକରେ
କଅଁଳ ଗାଧୁଆ ସାରି
କି ଭାବି ମନରେ ଫେରି ଯାଉଛୁ ଲୋ
କୋଉ ଅଭିମାନ ଧରି।

ଝରା ଶେଫାଳୀ ମୁଁ ରାତିର ଶେଷରେ
ଫେରିଯିବା ମୋର ଭାଗ୍ୟ
ଏତେ ମଧୁସ୍ୱରେ ଡାକନା ଡାକନା
କଣ୍ଢେ ଭରି ଅନୁରାଗ।

କେତେ ରଙ୍ଗ ରୂପ ମହକ ନେଇ ଲୋ
କେଇଟା ମୁହୂର୍ତ୍ତ ପାଇଁ
ମନର ଅଙ୍ଗନେ ଚମକ ଜଗାଇ
ଫେରୁ କୋଉ ଦୁଃଖ ନେଇ।

ଅଭିଶପ୍ତା ମୁଁ ଯେ ରାତିର ଅତିଥି
ସକାଳ ମୋ' ପାଇଁ ମନା
ଦେବତା ପୂଜାରେ ଲାଗିବା ବାସନା
ମୋ' ପାଇଁ ଯା' ବିଡମ୍ବନା।

*

**ସଭାପତି,**
**ବଣମଲ୍ଲୀ ସାହିତ୍ୟ ସଂସଦ,**
**ଆରିକମା, ଖୋର୍ଦ୍ଧା**

# ବେଳାଭୂମିୟ କବିତା

**ତପନ ଦୀକ୍ଷିତ**

ରାତି ସରିଯାଉ ଆୟୁଷ ବି ଯାଉ
କେବଳ ଥରଟେ ସାଥି
ତୁମରି ପାଦର ଅଳତା ଗାରକୁ
ଖୋଜୁଥାଉ ଏଇ ଛାତି ।

ଶେଷ କମ୍ପନରେ ଦୁଇଓଠ ମୋର
ତୁମ ନାମ ଜପୁ ଥାଉ
ଶେଷ ସମ୍ଭୋଗର କ୍ଷତଚିହ୍ନ ଯେତେ
ଶରୀର ସାଉଣ୍ଟୁ ଥାଉ ।

ମିଳୁ କି ନମିଳୁ ଆଉ ଏକ ଜନ୍ମ
ଏଇ ଭାଗ୍ୟ ମୋର ହେଉ
କୋକେଇ ଦେହରେ ତୁମ ନାମ ଥାଇ
ଶବ ମୋ' ଶ୍ମଶାନେ ଯାଉ....।।

*

**ନାସିକେଶ୍ୱର,**
**କାକଟପୁର, ପୁରୀ**

## ପଉଷର ଦୀର୍ଘଶ୍ୱାସ

ପୂର୍ଣ୍ଣ ଦାସ



ବାସ ପାଖୁଡ଼ାରେ ତୋର
ନିଦେଇ ମୁଁ ଗଲି ,
ମଗୁଶୁର ଉଷାରେ ଗୋ
ନିଦରୁ ଉଠିଲି ।
ମହୁ ନୁହେଁ ମଦିରା ତୁ'
ନିଶା ଲାଗେ ଭାରି,
ପ୍ରେମ-ଗରବ ମୋ' ଦେଲୁ
ଚତୁରୀ ତୁ' ଚୂରି ।
ଏବେ ରାତି ଛଟପଟ
ପଉଷ ଶୀତରେ,
ସପନରେ ହଜୁଚି ଗୋ
ବିରହ ଗୀତରେ ।
ବାରି ପାରୁନାଇଁ ମେଘ
ମହୁର ଫରକ,
ତୋ' ବିନୁ ସଜନୀ ଏଇ
ଦୁନିଆ ନରକ ।
ଆ'ବାରେ ଫେରିଆ' ମୋର
ନିରୋଳା ଛାତିରେ,
ଗାଇବାକୁ ଗୀତ ପଦେ
ପଉଷ ରାତିରେ ।
*

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର-୭୫୫୦୧୩
ସମ୍ପର୍କ : ୯୩୩୭୫ ୪୮୮୯୩

## ଶୀତ ସକାଳର ଚିଠି

ରମେଶ ମଙ୍ଗରାଜ



ଶୀତ ସକାଳରେ ଡାକବାଲା ଆସି
ତମ ଚିଠ ଦେଇଗଲା
ନୀଳ ଲଫାପାର ପତରଟି ପାଇ
ମନ ଖୁଜୁବୁଜୁ ହେଲା ।୦।

ତମ ହାତଲେଖା ଚିଠି ପାଇବାକୁ
ଥିଲି ମୁଁ ଚାତକ ପରି
ପଉଷ ଜାଡ଼ର ଶୀତ ଗାଲିଚାରେ
ଚିଠି ଦେଲା ତାତି ଭରି
ପ୍ରତିଟି ଅକ୍ଷର ଶବ୍ଦ ତରଙ୍ଗରେ
ତମ ମୁହଁ ଦିଶୁଥିଲା ।୧।
ଶୀତ ସକାଳରେ......

ଉତ୍ତର ଲେଖିବି କେମିତି ଜାଣେନା
ନୀରବେ ଭାବୁଛି ବସି
କାଳେ ପାଇବନି ମନକୁ ତମର
ମୁହଁ ମୋଡି ଦେବ ହସି
ଭୁଲିବନି କେବେ ମୋ' ମନ ଦରଜା
ତମ ପାଇଁ ସଦା ଖୋଲା ।୨।
ଶୀତ ସକାଳରେ.......
*

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା
ମୋ- ୮୧୧୪୬୦୯୨୮୦

# କ୍ଲାନ୍ତ ଏଇ ଜୀବନ !

**ଅଂଜଳି ଦାସ**



ନିର୍ଜନରେ କେବେ ମୁଁ ପ୍ରଶ୍ନ କରେ ମୋ' ନିଜକୁ
କାହିଁକି ଏ ସଂଗ୍ରାମ ଜୀବନର ଯୁଦ୍ଧକ୍ଷେତ୍ର
ପ୍ରଶ୍ନ ଶୁଣି ଲେଉଟେ ପ୍ରତିଧ୍ୱନିତ ହୋଇ
ମୋ' ହୃଦୟର ଅଭେଦ୍ୟ କୋଠରୀକୁ
ସମୟର ବିସ୍ତୃତି ପରିଧି ମଧ୍ୟରେ
ଜୀବନ ଏଠି ପୁଳାପୁଳା ବାଲିଘରର ସମାହାର
ଉଦ୍ଭଟ ଆଉ ଦୁର୍ବୋଧ ମଧ୍ୟ.......
ଏମିତି ଏକ ଅନିର୍ବଚନୀୟ ଅନୁଭବ
ଲେଖି ହୋଇଯାଏ ମୋ' ନିଜର ଆତ୍ମାରେ
ମନରେ ଲାଖି ରହିଥାଏ କେଉଁ ଏକ
ଅପାଶୋରା ଗଜଲର ପଂକ୍ତିଟିଏ ଭଳି
ଅସଂଖ୍ୟ ବୁଢିଆଣୀ ଜାଲରେ ଛନ୍ଦି ହୋଇଯାଏ
ମନଗହନରେ ଅଳନ୍ଧୁ ସବୁ ଲଟକି ଯାଏ
ସଂଶୋଷିତ ଗହନ ତାକୁ ବ୍ୟସ୍ତ କରେ
ଛାଡିଏ ବ୍ୟଥିତ ସ୍ମୃତି, ପୁନଶ୍ଚ ଆଙ୍କିହୁଏ
ସମୟର ଅନ୍ଧାର ଗୁମ୍ଫାରୁ
ସ୍ମୃତି ସବୁ ଘୃତ ପରି ଜଳିବାକୁ ଲାଗେ
ଅତୀତ ସବୁ ସ୍ଥାପତ୍ୟ ପାଲଟେ
ଲୋଡ଼ା ନାହିଁ ମୋର ମାୟାଜାଲରେ ଛନ୍ଦିହେବା
ମରିଚିକା ପଛେ ଦୌଡ଼ିବାର ପ୍ରୟାସ ମୋ' ନାହିଁ
ଧୈର୍ଯ୍ୟ ଆଉ ନାହିଁ
ମୁଁ କ୍ଲାନ୍ତ, ସଂପୂର୍ଣ୍ଣ କ୍ଲାନ୍ତ
ଲକ୍ଷ ମୋର ଶାନ୍ତିର ମଧୁ ଆଲିଙ୍ଗନ ।

*

**ଅସ୍ତରଙ୍ଗ, ପୁରୀ**

# କେମିତି କହିବି....!!!!

**ସୁକାନ୍ତି ମିଶ୍ର**



ଫୁଲର ଓଠରେ ସାଇତିଛି ଯିଏ ଭାରଭାର ମିଠା ମହୁ
କୋଇଲି କଣ୍ଠରେ ସତେ ଅବା କେତେ ଅନୁରାଗ ବୋଳା କୁହୁ
ହଳଦୀ ବସନ୍ତ ଆଖିତଳେ ସରୁ କଜ୍ଜଳ ଗାରର ଖୁସି
ଛିଟ ପ୍ରଜାପତି କଅଁଳ ଡେଣାରେ ସୁନାଜରି ତାରକସୀ ।।

ପ୍ରୀତିତୋଳା ସଞ୍ଜ ଠିକଣା ଲେଖିଛି ଲାଜରଙ୍ଗୀ ଜହ୍ନ ଦେହେ
ସାଗର ଯାକର ନୀଳିମାରେ ଭିଜି ହଜି ହଜେଇଛି ଯିଏ
ଇନ୍ଦ୍ରଧନୁର ମେଖଳାରେ ଯିଏ ମେଘ ଛବିଟିଏ ଆଙ୍କି
ପାହାଡନାସୀର ପରଦା ଆଡେଇ ଯତନେ ପାରିଛି ରଖି ।।

କାକରର ଗୀତ ଶୁଣେଇଛି କେତେ ଚୁନାଚୁନା ଘାସ ଓଠେ
କଇଁଫୁଲ ଖୋଟି ସରାଗେ ପାରିଛି ସଜ ଶିଉଳିର ତୁଠେ
ବେପଥୁ ଜଗାଏ ଶିହରଣ ତୋଳି ବିଭୋର ଯା' ବଂଶୀସ୍ୱନ
କେମିତି କହିବି ଜାଣିନାହିଁ ତାକୁ କିବା ତା'ର ସମ୍ମୋହନ ।।

ଜାଣେନା ଠିକଣା ଯାହା ଭାବନାରେ ନିଃଶବ୍ଦ ଥରକୁ ଥର
ପୁଲକେ ରଚିଛି ପଲକରେ ଯିଏ ସୃଷ୍ଟିର ଷଠିଘର ।।

*

**ସମ୍ପର୍କ, ସାରସତ୍ୱ ନଗର,**

# ସ୍ୱପ୍ନ

ସୌମ୍ୟଶ୍ରୀ ପଣ୍ଡା



ରାତ୍ରିର ବିଶାଳ ଛାତିରେ
ଅନ୍ଧାରର କଳାମେଘୀ ପଣତରେ ମୁଣ୍ଡ ରଖି,
ଅନାବନା ସ୍ୱପ୍ନରେ ତ ସମସ୍ତେ ଭିଜନ୍ତି I
ହେଲେ ସେ ସ୍ୱପ୍ନ ତ,
ଆଈ ମା'ର ବୁଢ଼ୀ ଅସୁରୁଣୀ ଗପ ପରି
ଏକଦମ ଅବାସ୍ତବ ଆଉ କାଳ୍ପନିକ I

ସ୍ୱପ୍ନ ପାଇଁ ରାତିର କି ଲୋଡ଼ା ?
ଲୋଡ଼ା ତ ଖାଲି ପ୍ରଜ୍ଜ୍ୱଳିତ ମନଟିଏ
ପାରୁଛ ତ,
କଙ୍କାଳ ସନ୍ଧିରୁ ,
ଉତୁରୁଥିବା କୋହ ଆଉ
ପେଜୁଆ ଆଖିରୁ ,
ନିଗୁଡୁଥିବା ଲୁହ ସବୁକୁ
କାମନାର ଡହ ଡହ ଖରାରେ ବାଷ୍ପୀଭୂତ କରିଦେ I
ଯନ୍ତ୍ରଣାର ଲଘୁଚାପ ବର୍ଷାରେ
ଖୁବ ଭିଜିଥିବା ଓଦାଳିଆ ମନରେ,
ଶୂନରୁ ଶିଖରକୁ ଛୁଇଁବାର
ମଞ୍ଜି ମୁଠେ ସିଞ୍ଚିଦେ I

ଦେଖିବୁ,
ଆତ୍ମବିଶ୍ୱାସର କଅଁଳ ଖରାରେ,
ସାଧନାର ମୃଦାଏ ପାଣିରେ,
ପ୍ରତିବନ୍ଧକକୁ ଫାଳ ଫାଳ କରି
ଆଶାର ଶୃଖ୍ଲା ମାଟିରେ,
ସ୍ୱପ୍ନମାନଙ୍କର ଅଙ୍କୁରୋଦଗମ ହେବ I
ନିରବଚ୍ଛିନ୍ନ ପ୍ରୟାସର କାଉଁରୀ ସ୍ପର୍ଶରେ,
ଆକାଶମୁହାଁ ହୋଇ ଲମ୍ବି ଯାଇଥିବା ସ୍ୱପ୍ନ
ଖୁବ ଶୀଘ୍ର ଫଳବତୀ ହେବ I

*

**ପ୍ରଧାନଶିକ୍ଷକ ( ଓଡ଼ିଶା ଶିକ୍ଷା ସେବା)**
**ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,**
**ନରସିଂହପୁର, କଟକ**

# ଜିତୁ ଜିତୁ ଯାଏ ହାରି

ରଞ୍ଜିତା ମିଶ୍ର



କଅଁଳ ଫୁଲର ପାଖୁଡ଼ା ପାଖୁଡ଼ା
ଯାଉଛି ମୋ' ଆଗେ ଝରି
ଅସମର୍ଥ ମୁଁ ଯେ ଦେଖୁଛି ନୀରବେ
ପାରେନାହିଁ କିଛି କରି ।
ତା' ଯନ୍ତ୍ରଣା ଦେଖି ଲୁହେ ଭିଜେ ଆଖି
ହୃଦୟଟା ଯାଏ ଚିରି
ପାଖରେ ଥାଇ ବି ବହୁଦୂରେ ମୋର
ପାରେନା ହାତରେ ଧରି ।
ଫୁଟିଛି ସିନା ସେ କାହା ବଗିଚାରେ
ବାନ୍ଧିଛି ମୁଁ ସ୍ନେହ ଡୋରି
ଅଧିକାର ମୋର ନଥିଲେ ନଥାଉ
ପାରେନା ଅନ୍ତର କରି ।
ମନ ମୋର କୁହେ ସୀମାରେଖା ଡେଇଁ
କରନ୍ତି ତାକୁ ମୁଁ ଚୋରି
ମନ ଉପବନେ ସାଇତି ରଖନ୍ତି
ହୁଅନ୍ତିନି ଆଉ ଝୁରି ।
ଅବା ସେ ଫୁଲକୁ କିଣି ପାରନ୍ତି ମୁଁ
ଜୀବନର ପୁଞ୍ଜିସାରି
ନିଜର ବୋଲି ମୋ' ଯାହା କିଛି ଅଛି
ତା' ନାଁରେ ଦିଅନ୍ତି କରି ।
ତମାମ ଆୟୁଷ ଆଗାମୀ ନିଶ୍ୱାସ
ତା' ଦେହେ ଦିଅନ୍ତି ଭରି
ସବୁ ଚେଷ୍ଟା ମୋର ହେଉଛି ବିଫଳ
ଜିତୁ ଜିତୁ ଯାଏ ହାରି ।

*

ବଇଣ୍ଡା, ଅନୁଗୋଳ

# ପାଣ୍ଡୁଲିପି ହୋଇ ରହିଗଲା ପ୍ରେମ



ତାରାପ୍ରସାଦ ଜେନା

ପାଣ୍ଡୁଲିପି ହୋଇ ରହିଗଲା ପ୍ରେମ ହୋଇଲାନି ସିଏ ବହି
ବନ୍ଧୁ ତୁମେ ହେଲ ବଧୂ ହେଲ ନାହିଁ ମୋର ଘରେ ଆସି ରହି
.....ପାଣ୍ଡୁଲିପି ହୋଇ ରହିଗଲା ପ୍ରେମ ..... ! ୦ !

ପ୍ରେମ ପାଣ୍ଡୁଲିପି ନିତି ଖୋଜୁଛି ମୁଁ ଲୁହଭିଜା ଆଖି ପଢ଼େ
ଆଶାର କଢ଼ିଟା ଫୁଲ ହୋଇଲାନି ଝରେ ବଇଶାଖ ଝଡ଼େ
ସଂସାର ମୋହଟା କା'ଆଗେ ଆଉ ମୁଁ ପାରୁନାହିଁ ଖୋଲି କହି
.....ପାଣ୍ଡୁଲିପି ହୋଇ ରହିଗଲା ପ୍ରେମ ..... ! ୧ !

ଓଢ଼ଣା ଭିତରୁ ଅନିନ୍ଦ୍ୟ ସୁନ୍ଦରୀ ଛୁଇଁଥାନ୍ତି କାଳେ ଟେକି
ପ୍ରେମ ପାଣ୍ଡୁଲିପି ନିଠେଇ ଦେଖୁଛି ଭାଗ୍ୟ ହାତେ ଆଜି ଖେଳି
ଲାଜେଇ ବଧୂଟେ ହୋଇକି ଆସନ୍ତ ଶେଷ ମିଳନକୁ ସହି
.....ପାଣ୍ଡୁଲିପି ହୋଇ ରହିଗଲା ପ୍ରେମ ..... ! ୨ !

*

ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬,
ଦୂରଭାଷ-୯୩୪୮୦୫୪୩୦୦

# ପ୍ରଥମ ଛୁଆଁ

**ଆଶୁତୋଷ ମେହେର**



ପହିଲି ଛୁଆଁର ଶିହରଣ, ସଖୀ
ଭୁଲି କି ସେ ହେବ ମନୁ,
ଭିଜି ଭେଦି ଯାଏ ଅଜଣା ପୁଲକ
ଶିହରାଇ ମନ ତନୁ ......।।୦।।
ପହିଲି ମୁରୁଜ ବୁଣୁଥାଏ ରେଣୁ
ଚମକେ ଗାଧୁଆ ତୁଠ,
ଠିଆ ପାଦମାଜେ ପ୍ରିୟା ମୋ' ନାୟିକା
ଥରିଲା ଥରିଲା ଓଠ,
ଓଦା ବସନରୁ ଫୁଟେ ଯଉବନ
ଆଖି ବୁଜି ଦିଏ ଭାନୁ.......।।୧।।
ନାଲିନାଲି ପାଦେ ତରବରେ ଚାଲେ
ଓଦା ସରସର ଦେହ,
ଗାଆଁ ଦାଣ୍ଡ ଦେଖେ ନହୁଲି ପ୍ରେମର
ଛାତିରୁ ଝରିଲା କୋହ,
ଝଟକେ ମୁହଁଟା ପାଦର ପାଉଁଜି
ଗାଉ ଥାଏ ରୁଣୁ ଝୁଣୁ.......।।୨।।
ଶୀତୁଆ ସକାଳ କାକର ଟୋପାରେ
ରାତିର ବାସର ମନ,
ଭିଜା ଭିଜା ଲାଗେ ପ୍ରଥମ ଚାନ୍ଦିନୀ
ଆକାଶୁ ଝରିଲା ଧନ,
ଧନ ପାଇ ମନ ପ୍ରଥମ ଛୁଆଁରେ
ପାଲଟେ ଅବୁଝା କାହ୍ନୁ.......।।୩।।

*

୫୪ ଆର୍ଯ୍ୟପଲ୍ଲୀ
କିଟ୍ ଛକ, ପଟିଆ, ଭୁବନେଶ୍ୱର- ୭୫୧୦୨୪
ମୋ- ୯୪୩୭୦୮୫୩୯୬



# ପ୍ରୀତି - ହୁଏ ବି ଏମିତି

**ଦିବାକର ନାୟକ**

ତୁ' ତ ଥିଲୁ ବଧୀରଟିଏ
ମୁ' ତ ଥିଲି ମୂକ
କେମିତି ତୋତେ କହିଲି କିଛି
ଶୁଣିଲୁ ସବୁ ଯାକ (୦)
ଆଖି ମୋ' ଯେବେ ଦେଖିଲା ତୋତେ
ମନରେ ଉଠିଲା ଢେଉ
ଥରିଲା ଓଠ ନୂଆ ପୁଲକେ
ଶୁଭିଲା ତୋତେ କୁହୁ
ଶୁଖିଲା ତରୁ ଥିଲି ଜୀବନ ପାଇଗଲି
ଶାଖାରେ ପତ୍ର କେମିତି ଆଜି
କଅଁଳିଗଲା ଦେଖ..
ତୁ' ତ ଥିଲୁ ବଧୀରଟିଏ
ମୁ' ତ ଥିଲି ମୂକ (୧)
ତୋ' ଇଶାରା ଅବୁଝା ଭାଷା
ଖନି ଖନିକା କଥା
ମୋତେ ଲାଗିଲା ଡାକୁଛୁ ମୋତେ
ଆ' ମୋ' ପାଶେ ଏକା
କେମିତି ଲେଖା ହେଲା
ପ୍ରୀତି କାହାଣୀ ଭଲା
ମୁଁ କହୁଛି ତୁ' ଶୁଣୁଛୁ
ଚକିତ ସବୁ ଲୋକ..
ତୁ' ତ ଥିଲୁ ବଧୀରଟିଏ
ମୁ' ତ ଥିଲି ମୂକ (୨)

*

ପାଟପୁର, କନିସି
ଗୋଳନ୍ଥରା, ଗଞ୍ଜାମ

# ତୁମେ ଯେବେ ଖୋଜିବ

ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ



ତୁମେ କୁହ ମୁଁ ତମ ସାଥିରେ ଅଛି
ଠିକ୍ ଛାଇ ପରି
ଦିଅଁଙ୍କ ପାଖେ ମୋ' ଆୟୁଷ
ମାଗି ମାନସିକ କର ନିତି...

ତେବେ କୁହ ନା !
ମୋ' ଆୟୁଷ ସରିବାକୁ
କେଇ ଘଡି ବାକିଥିଲେ
ତୁମେ କଣ ତମ
କାନ୍ଧରେ ମୋ' ମୁଣ୍ଡ ରଖି
ଜହ୍ନ ମାମୁଁ ଗପ ଶୁଣେଇବ !

ତୁମେ ଯେବେ ମୋତେ ଖୋଜିବ
ଆଖିରୁ ଲୁହ ବଦଳେ
ତୁମ ସ୍ପନ୍ଦନର ସ୍ୱର ଶୁଣିବ,
ପ୍ରତିଟି ଧକ ଧକ ଶବ୍ଦରେ
କେବଳ ମୁଁ ହିଁ ଥିବି....

ଯେବେ ତୁମ ସହର ଶାନ୍ତ ପଡ଼ିଯିବ
ପତ୍ର ହଲିବା ବନ୍ଦ ହେଇଯିବ
ମୁଁ ଦେଇଥିବା ସାର୍ଟର ରଙ୍ଗ ଛାଡ଼ିଯିବ
ତେବେ ଭାବିବ
କେହି ଜଣେ ନିଜର
ଦୂର ଦେଶକୁ ଚାଲିଗଲା..

ତୁମ ଉତ୍ତର ପ୍ରଶ୍ନ ହେଇ ରହିଗଲା
ମଶାଣିର ଡାକରା ଆସିଗଲା
ଗୋଟିଏ ଗପ ସମାପ୍ତ ହେଇଗଲା
ଭିଜୁଥିବ ଗାଁ ମାଟି

ଶୁଭୁଥିବ ରାମ ନାମ
କିନ୍ତୁ ତୁମେ ନିର୍ବାକ ଥିବ
ରାତିର ମୁହୂର୍ତ୍ତ
ଯୁଗ ପରି ଲାଗୁଥିବ

ନିଜେ ହସୁଥିବ ନିଜେ କାନ୍ଦୁଥିବ....
ସେଇ କ୍ଷଣି ନଥାଇପାରେ ମୁଁ
କିନ୍ତୁ ଥିବ ମୋ' ପ୍ରେମ....

*

ଯାଜପୁର

## ଥରଟିଏ କହି ଦେଖ

ସୁମିତା ବେହେରା ବାପି

କହିବ ଯଦି, ମୁଁ ଆକାଶରୁ ତୋଳି
ତାରାଫୁଲ ସବୁ ଜହ୍ନଠୁଁ ଚୋରାଇ
ତୁମ ଆଞ୍ଜୁଳିରେ ଦେବି,
ଥରେ କହି ଦେଖ ଆପଣାର ମଣି
ତୁମ ପାଇଁ ଝରିଯିବି...

କହିବ ଯଦି, ମୁଁ ସାଗରଠୁ ମାଗି
ଶାମୁକାରୁ ମୋତି ଖାସ୍ ତୁମ ପାଇଁ
ଖୋଜି ଖୋଜି ଆଣି ଦେବି,
ଥରେ କହି ଦେଖ ଆପଣାର ମଣି
ତୁମ ପାଇଁ ଝରିଯିବି...

କହିବ ଯଦି ମୁଁ ଆଖିରେ ତୁମର
ଲକ୍ଷେ ସପନର ନିଶାଟିଏ ଭରି
ଅଭିସାରିକା ସାଜିବି,
ଥରେ କହି ଦେଖ ଆପଣାର ମଣି
ତୁମ ପାଇଁ ଝରିଯିବି...

କହିବ ଯଦି ମୁଁ ନିଜକୁ ମିଟାଇ
ତୁମ ଖୁସି ପାଇଁ ଶବଟିଏ ହୋଇ
ଜୁଇ କୋଳେ ଶୋଇଯିବି,
ଥରେ କହି ଦେଖ ଆପଣାର ମଣି
ତୁମ ପାଇଁ ଝରିଯିବି...

*

ଭୁବନେଶ୍ୱର



## ମଲାଜହ୍ନ

ଶ୍ରୀମତୀ ମିନତି ମିଶ୍ର

ମଲାଜହ୍ନଟା ତା, ମନ ଆକାଶରେ
ଆଜି ଧାରେ ହସର
ଗାର ଟାଣିଦେଇଛି

ସେଇଠୁ ବୁଝିଗଲି, ସତରେ ତା' ମନରେ
ଖୁସିର ଶୀତଳ ପବନ ବୋହୁଛି
ମୋ' ଭାବନାଟା ଭୁଲ ଥିଲା

ସେଇଟା ଥିଲା ଖୁସିର ଅଭିନୟ
ମିଛ ଅଭିନୟଟା ଧରାପଡ଼ିଗଲା
ଲୁଚି ରହି ପାରିଲାନି

ଆପଣା ଛାଏଁ  ଉଦାସୀୟା ଆଖି ଦିଇଟା
ସବୁ ଯେମିତି କହି ଦେଉଥିଲା
ଅବଶିଆ ଦେହଟା

ଆଉଜି ପଡୁଥିଲା
ଖଳାରେ ଗଦା ହୋଇଥିବା
ପାଚିଲା ଧାନର ଗଦା ଉପରେ ।

*

ଦୋଳମଣ୍ଡପ ସାହି ,
ପୁରୀ

# ପ୍ରେମ

**ବନଜା ପ୍ରଧାନ**

ପ୍ରେମ...
ନୀଳ ଆକାଶରେ ରୂପେଲି ଓଢ଼ଣା ଟାଣି
ଉଙ୍କିମାରେ ବଉଦ ଫାଙ୍କରେ
କେବେ ପୁଣି ସୁନେଲି ଜହ୍ନଟିଏ ହୋଇ
ମତୁଆଲା ସେ  ସାଗର ଢ଼େଉରେ।
କୁଳୁ କୁଳୁ ନାଦରେ କେବେ ଗୀତ ଗାଏ
ନର୍ଝରିଣୀ ଝରଣାର  ଅଙ୍କାବଙ୍କା ଠାଣିରେ
ବସନ୍ତରେ  ପରିପୂର୍ଣ୍ଣା ପ୍ରେମ
ଉନ୍ମାଦନା ତୋଳେ କୋକିଳର କୁହୁରେ।
ପ୍ରେମ ପୁଣି ଅସରନ୍ତି ସାଗର ବେଳାରେ
ଯୋଡି ଯୋଡି ପ୍ରେମପକ୍ଷୀ
ମସଗୁଲ୍ ପ୍ରୀତିବୋଳା ଲଗନରେ
ମୁକ୍ତା ଭରା ବାଲୁକା ରାଶିରେ।
କେବେ ମୀରାର  ସୁରରେ ତ
କେବେ ମୁରଲୀ ସ୍ୱନରେ
ଶିହରଣ ତୋଳି ପ୍ରେମ
ବନ୍ଧାପଡେ ରାଧାର  ଛନ୍ଦରେ ।
କଳି ପାଇଁ ଅଳିର ଆବେଗ ଥିବା ଯାଏ
ଯମୁନା କୂଳରୁ ପ୍ରେମର ପ୍ରତିଧ୍ୱନି
ଗୁଞ୍ଜରିତ ହେଉଥାଉ
ଯୁଗ ଯୁଗାନ୍ତର ଯାଏ।
*

ଆଇ ଆର୍ ସି ଭିଲେଜ୍, ଭୁବନେଶ୍ୱର

# ପହିଲି ନଜର

## ଅନିତା ପଣ୍ଡା

ପହିଲି ଦେଖାର,ପହିଲି ନଜର
ମନ ନେଇଯାଏ କିଣି,
ଟିକେ ଦେଖୁଥାଏ, ଟିକେ ହସୁଥାଏ
ମନଚୋରା ତା' ଚାହାଣୀ।

ପହିଲି ଚିଠିର, ପହିଲି ପୁଲକ
ପ୍ରିୟ ନାମେ ଯାଏ ସାଜି,
ଟିକେ ଲେଖୁଥାଏ,ଟିକେ ଚିରୁଥାଏ
ହୃଦୟରୁ ଝରେ ଆଜି।

ପହିଲି ପ୍ରୀତିର, ପହିଲି ଛୁଆଁରେ
ଶିହରଣ ଖେଳିଯାଏ
ଟିକେ ଭିଜୁଥାଏ, ଟିକେ ହଜୁଥାଏ
ଲାଜରେ ମୁଁ, ସରିଯାଏ ।

*

ଭୁବନେଶ୍ୱର

# ମାନସ କନ୍ୟା

## ଗାୟତ୍ରୀ ବେହୁରା



ମନ ଅଗଣାରେ ଭାବର ଗୋଲାପ
ହୁଏ ଯେବେ ପ୍ରସ୍ଫୁଟିତ ,
ସ୍ୱତଃପୂର୍ତ୍ତ ଭାବେ ଓହ୍ଲାଇ ଆସୁ ତୁ
ହୃଦ କରି ସୁରଭିତ।
ଗୁନ୍ଥି ହୋଇଯାଏ ଶବ୍ଦମାଳା ସବୁ
ସ୍ମୃତି ସୂତ୍ରେ ବନ୍ଧା ହୋଇ ,
ନୟନରେ ଲାଗେ ପ୍ରୀତିର ଅଞ୍ଜନ
ମମତାର ରୂପ ନେଇ।
ସ୍ୱପ୍ନର ଢେଉରେ ଭାସି ଭାସି ଆସେ
କେତେ ଯେ ଅଭୁଲା କଥା ,
ମୁରୁକି ହସଇ ଆକାଶରେ ଜହ୍ନ
ତନ୍ଦ୍ରା ପିଇଯାଏ ବ୍ୟଥା ।
ସ୍ନେହର ଚାଙ୍ଗୁଡି ହସ୍ତେ ଧରି ନିତି
ତୋଳୁଥାଉ ଭାଷାଫୁଲ ,
କବି ମାନସର ମାନସକନ୍ୟା ତୁ'
ବୁଝିବ କିଏ ତୋ' ମୂଲ ।
ନିହାଣ ମୁନରେ ଶିଳ୍ପୀ ଆଙ୍କିଥାଏ
ତୋର ରୂପର ଚାତୁରୀ ,
କେବେ ତୁ' ପ୍ରେମିକା ମାନିନୀ ରାଧିକା
ରୁଷୁ ଅଭିମାନ କରି ।
ଋତୁରାଣୀ ତୁହି ସ୍ୱର୍ଗୀୟ ସୁଷମା
ତୋହଠାରେ ବିରାଜିତ ,
ବିବିଧବର୍ଣ୍ଣା ତୁ ଚାରୁ ଚିତ୍ରକଳା
ନିଃସର୍ଗ ପ୍ରଣୟେ ସିକ୍ତ ।

*

କଟକ

# ମୁଁ ଜଣେ ଓଡ଼ିଆ କହୁଛି

ଡଃ ଆରତୀ ପଟ୍ଟଯୋଷୀ

ଶୁଣ, ମୁଁ ଜଣେ ଓଡ଼ିଆ କହୁଛି
ବାପାଙ୍କୁ ଡାକେ ମୁଁ "ଡାଡି"
ବୋଲି
ଆଉ ମାଆଙ୍କୁ "ମମି" ମୁଁ ଡାକୁଛି
ମୋ' ଦେହେ ଉତ୍କଳ ବହୁଛି
ମୁଁ ଜଣେ ଓଡ଼ିଆ କହୁଛି।

ଦାଦାଖୁଡି ମାମୁମାଇଁ ଡାକୁନାହିଁ
ଅଙ୍କଲ ଆଣ୍ଟିରେ ଚଳୁଛି
ଆତ୍ମୀୟ ସ୍ୱଜନ ଭୁଲି ମୁଁ ଗଲିଣି
ମୁଖ ପୁସ୍ତିକାକୁ ଘାଣ୍ଟୁଛି
"ଅନୁରୋଧ ବନ୍ଧୁ" ଯୋଡୁଛି
ମୁଁ ଜଣେ ଓଡ଼ିଆ କହୁଛି।

ମୋ' ଦେଶର ବୃକ୍ଷ ପାହାଡ଼
ପର୍ବତ
ନିମିଷକେ ପଦା କରୁଛି
ବଡ଼ ବଡ଼ କୋଠା କଳ
କାରଖାନା
ଅକ୍ଳେଶରେ ଗଢି ପାରୁଛି

ନିଜ ଦେଶେ ଥାଇ ଦର୍ଶନୀୟ
ସ୍ଥଳ
ବିଦେଶ ବିଦେଶ ଖୋଜୁଛି
ମୁଁ ଜଣେ ଓଡ଼ିଆ କହୁଛି।

ସରକାରୀ ସ୍କୁଲ୍ ଲାଜ ଲାଗେ
ମୋତେ
ସରକାରୀ ସଂସ୍ଥା ଖୋଜୁଛି
ଇଂରାଜୀ ପଢ଼େଇ ସାହାବ
ବୋଲେଇ
ଗରବରେ ବାଟ ଚାଲୁଛି
ପୁଅ ମୋ' ବିଦେଶେ ବଡ଼ବାବୁ
ଅଛି
ଗରବେ ମୁଁ କହି ବୁଲୁଛି
ମୁଁ ଜଣେ ଓଡ଼ିଆ କହୁଛି।

ଓଡ଼ିଶାର ପର୍ବ ପିଠାପଣା
ଯେତେ
ନାଆଁ ଶୁଣି ନାକ ଟେକୁଛି
ପରମ୍ପରା ସବୁ ଗାଉଁଲିଆ ଢଙ୍ଗ

ବିଦେଶୀ ପରବ ପାଳୁଛି
ପିଜା ବରଗର ଚାଉମିନ ଖୋଇ
ବଡ଼ ଲୋକି ପଣ କିଣୁଛି
ମୁଁ ଜଣେ ଓଡ଼ିଆ କହୁଛି।

"ମାତୃଭୂମି ମାତୃଭାଷାରେ
ଶରଧା"
ମହାଜନ ଉକ୍ତି ଶୁଣିଛି
ସେତ ପୋଥି ତଳେ ଲୁଚି
ଯାଇଛି
ବରଷକେ ଥରେ ଦିବସଟି ପାଳି
କର୍ତ୍ତବ୍ୟ ସମ୍ପାଦୀ ଦେଉଛି
ଗରବରେ ନୁହେଁ କୁଣ୍ଠାରେ
ଲଜ୍ୟାରେ
ନିଜକୁ ଓଡ଼ିଆ ମଣୁଛି
ମୁଁ ଜଣେ ଓଡ଼ିଆ କହୁଛି
ଶୁଣ, ମୁଁ ଜଣେ ଓଡ଼ିଆ କହୁଛି।
*

ଭୁବନେଶ୍ୱର

# ଦୁଇ ଆଖି

ଡାକ୍ତର ବିଧୂତ୍ ଶେଖର ମିଶ୍ର



ଦୁଇ ଆଖି -- କଥା କହେ...ଅକୁହା ଶବ୍ଦରେ
ଲେଖିଦିଏ...ଅଲେଖା ଫର୍ଦ୍ଦରେ
କାହାଣୀଟିଏ
ଜୀବନ ଓ ଯନ୍ତ୍ରଣାର
ଲୁହର ଓ ମୋହର ॥
ଦୁଇ ଆଖି -- ବାଣ୍ଟିଦିଏ...ପ୍ରେମର ଅବିର
କିଣିନିଏ...ହୃଦୟ କାହାର
ଅସୁମାରୀ
ଆଶାରେ ଓ ଭରସାରେ
କାମନାରେ ଓ ବାସନାରେ ॥
ଦୁଇ ଆଖି--ଭିଜିଯାଏ....ଶ୍ରାବଣ ସୁଅରେ
ନଇଁଯାଏ...ପ୍ରଥମ ଛୁଆଁରେ
କେବେ କେବେ
ପ୍ରେମରେ ଓ ବିରହରେ
ଆଶ୍ୱାସ ଓ ବିଶ୍ୱାସ ରେ ॥
ଦୁଇ ଆଖି-ଶୋଇଯାଏ....ଅନ୍ତିମ ଶଯ୍ୟାରେ
ସ୍ମୃତି ହୋଇଯାଏ..ଝୁଲନ୍ତା ଛବିରେ
କେବେ ଧ୍ରୁବ ସତ୍ୟର ଓ ତ୍ୟାଗର
ପ୍ରେମର ଓ ମମତ୍ୱବୋଧର
ସଫେଦ ପୃଷ୍ଠାରେ ॥

*

**ଉପ- ନିର୍ଦ୍ଦେଶକ,**
**ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସାଳୟ**

# ଏଇ ଜୀବନରେ ...

ରାଜେଶ କୁମାର ମୁଣ୍ଡ



ଖୋଜୁଛି ...
ସ୍ୱପ୍ନର ଘର ପାଇଁ ରାତିଟିଏ
ମଉଳା ମନକୁ ମନ୍ଦିରଟିଏ
ଦୁଃଖକୁ ବାଣ୍ଟିବା ପାଇଁ ଦିନଟିଏ
ନିଜକୁ ଚିହ୍ନିବା ପାଇଁ ନିଦଟିଏ ।
ପାଇଛି ...
ଭଙ୍ଗା କାଚ ଘରର ଟୁକୁଡ଼ାଏ
ଆଖିକୋଣରୁ ଅଶ୍ରୁ ବୁନ୍ଦାଏ
ମହଙ୍ଗା ସୁଖରୁ କାଣିଚାଏ
ଆତ୍ମୀୟଙ୍କ ଆବିଳ ଲାଂଛନାଟିଏ
ବୟସ୍କ ବିଶ୍ବାସରେ ଭୟଙ୍କର ବିଷଟିଏ ।
ହରେଇଛି ...
ଶୁଷ୍କ ପତ୍ରରେ ଅର୍ଦ୍ଧେକ ଆୟୁଷ
ପ୍ରଣମ୍ୟ ପଣତର ଆୟୁଷ୍ମାନ୍ ପରଶ
ଛାତି ଭର୍ତ୍ତି ପ୍ରୀତିର ବାସ ।
ତଥାପି ...
ଜୀବନ ଆଉ କ'ଣ କି ?
ନଟେଇର ସୂତା
ପଦ୍ମ ପତ୍ରର ଜଳ,
ରାତି ପାହିଲା ପରେ ତ
ସ୍ବଗୃହେ ପ୍ରତ୍ୟାବର୍ତ୍ତନ
ଆଲୁଅରେ ଝଲମଲ ।

*

**ପ୍ରଫେସର କଲୋନୀ, ଧର୍ମଗଡ଼, କଳାହାଣ୍ଡି**
**ମୋ ୯୫୮୩୮୪୨୩୨୫**



# ସୁପ୍ରଭାତ ଚିଠି

**ସନ୍ତୋଷ କୁମାର ପଟ୍ଟନାୟକ**

ଗୋଲାପି ରଂଗର କାଗଜ ଉପରେ
ଶାଗୁଆ କାଳିରେ ଲେଖା
ତୁମର ପ୍ରଥମ କବିତାରେ ଚିଠି
ନୀଳ କଇଁ ଚିତ୍ର ଅଙ୍କା
ଗୋପନ ପ୍ରେମର ପ୍ରଥମ ପରଶେ
ହୃଦୟର ଭାଷା କହି
ଟୋପା ଟୋପା ଲୁହ ସିଂଚିଛ ସେଥିରେ
ସକାଳ ଶିଶିର ପରି
ଯେତେବେଳେ ଭାବେ ପୁରୁଣା ହେଲାଣି
ଅକ୍ଷର ଲିଭି ଗଲାଣି
ଚିରିଦେବା ପାଇଁ ହାତରେ ଧରିଲେ
ହୋଇଯାଏ ନୂଆ ପୁଣି
ଚଳଚିତ୍ର ପରି ତା' ପରେ ଝଲସେ
ତୁମ ଛଳଛଳ ଆଖି
ଅର୍ଦ୍ଧ ଲୁକ୍କାୟିତ ଚିକୁର ଶୋଭିତ
ବିମୋହନ ମୁଖ ଛବି
ମ୍ଳାନ ହସ ହସି କହୁଥାଅ ତୁମେ
ଚିଠି ସିନା ଚିରି ଦେବ
ହୃଦୟରେ ଲେଖା ଅଲିଭା ଭାଷାକୁ
କିପରି ଲିଭାଇ ଦେବ?
ତୁମ ପରି ମୁଁ ବି ବିସ୍ମୃତି ସାଗରେ
ସ୍ମୃତିକୁ ଯେବେ ଭସାଏ
ଜୁଆର ତାହାକୁ ସଂଗେ ସଂଗେ ଆଣି
ମୋ' ପାଖେ ଫେରାଇ ଯାଏ ।

*

**ବାଳକାଟୀ, ଖୋର୍ଦ୍ଧା**
ମୋ- ୮୩୨୮୮୨୨୬୯୬

# ପୂର୍ଣ୍ଣତା କେଉଁଠି...???

**ଜୟନ୍ତୀ ସ୍ୱାଇଁ**

ଫୁଲଟିଏ ହୋଇ ନ ଲଭିଲା ଯହିଁ
ଭ୍ରମର ପରଶ ଥରେ...
ପଦ୍ମ କଇଁ ହୋଇ ନ ଫୁଟିଲା ଯହିଁ
ସୂର୍ଯ୍ୟ ଆଉ ଚନ୍ଦ୍ରମାରେ... Il

ସାଗର ସଙ୍ଗମ ନ ଲଭିଲା ଯଦି
ନଦୀଟିଏ ସିଏ ହୋଇ....
ତେବେ ଏ ସୃଷ୍ଟିରେ ପୂର୍ଣ୍ଣତା କେଉଁଠି
କହି କି ପାରିବ କେହି...!!

ଆଦ୍ୟ ବସନ୍ତରେ ନ ଶୁଭିଲା ଯହିଁ
କୋଇଲିର କୁହୁ ସ୍ୱନ...
ପ୍ରେମରେ ଯଦି ବା ନ ରହିଲା ଟିକେ
ମାନ ଆଉ ଅଭିମାନ... Il

ମିଳନରେ ଯଦି ନ ଲଭିଲ କେବେ
ବିରହର ଯନ୍ତ୍ରଣା...
ତେବେ ଏ ସୃଷ୍ଟିରେ ପୂର୍ଣ୍ଣତା କେଉଁଠି
କିଏ ଜାଣିଛ କୁହନା...!!

ପରମାତ୍ମା ବିନା ଆତ୍ମା ଆଉ
ଯନ୍ତ୍ରଣା ବିନା ଜୀବନ....
ଅନୁରାଗ ବିନା ପ୍ରେମର ମାନେଟି
କିଛି ନାହିଁ ବୋଲି ଜାଣ...ll

ଜନମ ମରଣ, ହସ ପରେ ଲୁହ
ସୁଖ ପରେ ଦୁଃଖ ମିଶେ....
ଆଲୁଅ-ଅନ୍ଧାର, ଜୁଆର ଓ ଭଟ୍ଟା
ଏକ ପରେ ଆନ ଆସେ... Il

କବିର ବିନା କବିତା ଗୋ ପୁଣି
ପୁରୁଷ ବିନା ବନିତା...
ତରୁଶାଖା ବିନା ଲତା କି ବଂଚଇ
କେବଳ ହିଁ ତ ଶୂନ୍ୟତା.....!!

*

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**



# କବି ଓ କବିତା

## ସ୍ୱପନକୁମାର ଘୋଷ

ଅପେକ୍ଷାରେ ରହି ରହି
କବି ଯେବେ ହତାଶ୍ୱାସ
ଦୁଇ ଆଖି ଅଶ୍ରୁଧାରେ ଉବୁଟୁବୁ
ବନ୍ଧ ବା ଭାଙ୍ଗିବ ପ୍ରାୟ ....
ଏମନ୍ତ ସମୟେ  ପୂର୍ଣ୍ଣିମାର ଚନ୍ଦ୍ରପରି
ଉଦିତ ଓ ବିଜେ --
କାବ୍ୟର ନାୟିକା ତା'ର ଶିଳ୍ପୀର ପ୍ରତିମା
ସଖୀ ତିଲୋତ୍ତମା...
ଚାରୁ ଦେହେ ସ୍ନିଗ୍ଧ ବାସ
ଚାନ୍ଦ ମୁଖେ ମଧୁ ହାସ
ଫୁଲମାଳେ ବେଣୀର ରଚନା .....
ମାର୍ଜିତ ଓ ମୃଦୁ ସୁଶୋଭନ ,
ଚନ୍ଦନ ଚର୍ଚ୍ଚିତା ......
ଅରୁଣବରଣୀ ଶାଢ଼ୀ
ବରତନୁ ଘେରି ......
ଅଭିମାନେ କବି
ଫେରାଇଲା ମୁଖ ତାର
ନୀରବରେ କହି ଯେମିତିକି.....
ଆସିଛ ! ଭଲ ତ !
କି କହିବି ଆଉ !
ଅସୀମ ଅଶେଷ ଅନୁକମ୍ପା !
ଦୀନ ଅଭାଜନ ପରେ
ଅବେଳରେ ଅନୁଗ୍ରହ କିମ୍ବା !?
ଅପ୍ରସ୍ତୁତ ଦେବୀପ୍ରତିମା ସେ
ଅପରାଧୀ ପରି ମୁଖ ମ୍ଳାନ
କରି କହେ କରୁଣ ବଚନେ.....
ମୁହଁ ମୋଡ଼ି ସଖା ,
ଦଣ୍ଡ ଦିଅ ନାହିଁ ମତେ
ସଖୀ ତମ ମାଗେ ପରିତ୍ରାଣ ।
କେତେ କ'ଣ ବାଧା ଅପସାରି
ଆସିବାକୁ ହୁଏ.....
ତମକୁ ଅଜଣା ନାହିଁ ।
କାହିଁକି ତେବେ ବି
ଅସହାୟା ଏ ନାରୀର ପ୍ରତି
ଏତେ କର ଅଭିମାନ !
ଜାଣ ନା କି ତମେ.....
ମୋ' ପାଇଁ ତମେ ଯେ ଏକ
ସୁପବିତ୍ର ସୁଖ - ସମ୍ମୋହନ
ଜୀବନ ଓ ଜୁଇର ମଝିରେ
ପ୍ରଥମ ଓ ଶେଷ ଉଚ୍ଚାରଣ......
ତୁମେ ତ ଥାଅ ମୋ' ସହ
ବେଳ - ଅବେଳରେ
ବାଟରେ ଘାଟରେ
ଚିନ୍ତା ଓ ଚେତନାରେ
ଜୀବନର ପ୍ରତି ମୁହୂର୍ତ୍ତରେ.....
କେତେ କଣ ଦେଇଛ ମତେ ଯେ
କ'ଣ ବା ମୁଁ ଦେବି ବା ତୁମକୁ ?!
ସମର୍ପି ଦେଇ ପାରିବି କି.....
ହୃଦୟର ସ୍ନେହ ଶ୍ରଦ୍ଧା
ମୋ' ଆଖିର ମହଣେ ଲୁହ
କିଛି ଅତନ୍ଦ୍ର ରାତିର ଆୟୁଷ.....
ଆଉ.... ଆମ ସମ୍ପର୍କର\
ସ୍ଥିର , ଅମଳିନ , ଉର୍ଦ୍ଧ୍ୱମୁଖୀ ଯୁଗଳ
ଉଡ଼ାଣ !! .... ତେବେ ବି ...
ଅଭିମାନ ସମ୍ପୂର୍ଣ୍ଣ ତିରୋହିତ
ହେବାର ନ ଦେଖି ଧୀରେ
ଆଗେଇ ଆସିଲେ ବରନାରୀ.....
ସୁଧୀରେ ମୃଣାଳବାହୁ ଦେଇ
ଘେରିଲେ କବିର ମଥା....
ଆକର୍ଷଣ କରି
ସୁକୋମଳ ବକ୍ଷ ପରେ
ସ୍ଥାପିଲା କବିର ମୁଖ....
ଅମୃତକଳସ ଯୁଗ ପରେ --
ପରମ ସରାଗେ.....
କହିଲେ ମଧୁର ସ୍ୱରେ --
କାନ ପାତି ଶୁଣ !
ତମ କାବ୍ୟପ୍ରତିମାର
ହୃଦୟ ଗଭୀରେ --
କେବଳ ତମରି ନାମ......
ହେଇଛି ଏଥର
ଶାନ୍ତି କି ସଖା ?! .....
ମୁଁହ ତୋଳି ଚାହଁ ତେବେ !
ନାରୀର ସମ୍ଭ୍ରମ , ସେ ବି ତ ସମର୍ପିଲି !
ଆଉ କିଛି କଅଣ
ବାକି କି ରହିଲା ସଖା ?!
କୁହ ତେବେ ସେ ବି ସମର୍ପିବି
କରକମଳରେ ତବ !
କୃତାର୍ଥ କବିର
ଅଶ୍ରୁ ଝଲମଲ ହସ
ଶେଷତକ ମେଘମୁକ୍ତ ହେଲା ।।

*

" ସୁମତି କୁଞ୍ଜ "
୫୩ , ଶ୍ରୀବର୍ଦ୍ଧନପଲ୍ଲୀ ,
ଜୋକା ( ବାଖରାହାଟ ରୋଡ)
କୋଲକାତା - ୭୦୦୧୦୪
ଦୂରଭାଷ : ୯୪୩୨୧୭୭୩୭୯
୮୪୨୦୨୪୭୬୫୨

# ମୁଖା

ପ୍ରଜ୍ଞା ମହାନ୍ତି



ମୁଖା ଲୁଚାଇ ଦିଏ ମୁଖ
ଅଦୃଶ୍ୟ କରେ ପରିଚୟ
କେବେ ରାବଣକୁ ରାମ କରେ
ଅବା କୃଷ୍ଣଙ୍କୁ କଂସ
ମୁଖା ତଳର ମଣିଷ
ହସିହସି ପରଷିଦିଏ ବିଷ।
ନିଜ ଅସତ୍ୟ ସ୍ୱରୂପକୁ,
ସତ୍ୟର ପ୍ରଲେପ ଦିଏ
ବିଜୟ ମଧ ତାର ହୁଏ
ହେଲେ ଯେବେ ସତ୍ୟ ଆସେ
ବିଜୁଳିକନ୍ୟା ହୋଇ
ତା ହୋ ହୋ ହାସ୍ୟଧାରାରେ
ମୁଖାରୁ ପ୍ରଲେପଯାଏ ଧୋଇ ।
ବତୁରିଯାଏ ମୁଖା
ଉତୁରି ଆସେ ଅସଲ ମୁଖ
ଏବେ ଯେତେ ରଖ ସଖ୍ୟଭାବ
ଭୁଲିହୁଏ ନାହିଁ ଥରେ ଦେଖିଥିବା ରୂପ
ଭୁଲିବି ହୁଏନା,
ଦେଇଥିବା ଦୁଃଖ।

*

ମାତୃ ନିବାସ,
ମାତୃବିହାର, ବୁଢ଼ାରାଜା, ସମ୍ବଲପୁର

# ଜନତା ଜନାର୍ଦ୍ଦନ!

ବିଭୁପ୍ରସାଦ ମହାପାତ୍ର

ଜନତା ଯେ ଜନାର୍ଦ୍ଦନ
ହେଉ ଯେତେ ହୀନିମାନ
ଶାସନର କଷଟି
ଭାଂଗିଦିଏ ଆମ କଟୀ ।
ଆମ ଗୋଡେ ପଡେ ବେଡି
ଆମେ ଗଣୁ କଉଡି
ଜିଜିଆଠୁ ଜି.ଏସ୍.ଟି.
ସବୁ ଲଦା ଆମଠି ।
ଖଟି ଆମ ଅଣ୍ଟା ବଂକା
ପୁଳାପୁଳା ତୁମ ଟଂକା
ଆମର ଯେ ଟେନସନ୍
ତୁମେ ପାଅ ପେନସନ୍ ।
ପଢିପଢ଼ି ଆମେ ଯେତେ
ତୁମେ ଟିପ ମାଡି ସେତେ
ଆମର ଛପର ବତା
ପାଅ କେତେ କଣ ଭତ୍ତା ।
ତୁମ ଦେଖା ଖାଲି ଥରେ
ନିର୍ବାଚନ ସମୟରେ
ହେଲେ ବୈତରଣୀ ପାର
ଦେଖା ମିଳେନି କାହାର ।

*

ଭୋଗଡା, ବାଘମାରୀ, ଖୋର୍ଦ୍ଧା
ମୋ-୮୨୭୦୦୮୩୬୫୩

# ଭିନ୍ନ ଯନ୍ତ୍ରଣା

**ସୁହଂସ ଭୋଇ**

ଜୀବନର ପଥେ କେତେ ବ୍ୟଥା କେତେ
ଯାତନା ଯନ୍ତ୍ରଣା ଜାତ
ଦୂର ଦିଗ୍ବନ୍ତର ପଥ ଅସରନ୍ତି
ଚାଲିବାକୁ ହୁଏ ସତ I

ଗର୍ଭର ଯନ୍ତ୍ରଣା ସମୟ ବେଦନା
ଜାଗଇ ଉଲ୍ଲାସ ମନେ
ଅସହ୍ୟ ହେଲେ ବି ସ୍ୱାଦ ତା'ର ଭିନ୍ନ
ଅନୁଭବି ଭାଷେ ଯେହ୍ନେ I

ବନଔଷଧି ସମ ଲଭେ ଉପସମ
ମହୌଷଧି ସମ ସ୍ୱର
କଅଁଳ ଶିଶୁର ଶବଦ ବାଜିଲେ
ଯନ୍ତ୍ରଣା ହୁଅଇ ଦୂର I

ବିରହ ଅନଳ ଜଳେ ଧୀର ଧୀର
ଯନ୍ତ୍ରଣା ବଡ଼ ନିଷ୍ଠୁର
ନିଜେ ଜଳି ପୁଣି ଜଳାଏ ଅନ୍ୟକୁ
ଚଞ୍ଚଳ ମନ ତାହାର I

ମିଳନ ଆମୋଦ ପରଶ ମଧୁର
ଘଟେ ପ୍ରତୀକ୍ଷାର ଅନ୍ତ
ଯନ୍ତ୍ରଣାର ଶେଷ ମେଣ୍ଟି ଯାଏ ଶୋଷ
ଆହ୍ଲାଦେ ମନ ତୃପତ I

ଜୀବନ ଅଛି ତ ଯନ୍ତ୍ରଣା ବି ଅଛି
ମୁଦ୍ରାର ଦୁଇଟି ପାର୍ଶ୍ୱ
ଜିଇଁବାକୁ ଅଛି ଯନ୍ତ୍ରଣାକୁ ନେଇ
ଦିନ ପକ୍ଷ ମାସ ବର୍ଷ. I

*

ବିଜେପୁର, ବରଗଡ଼

# କହିଲା ପରେ ଦେଲୁନି ଥରେ

ନିରୁପମା ପାଣି

କହିଲା ପରେ ଦେଲୁନି ଥରେ
ତୋ' ଭଲ ପାଇବା ଟିକେ
ସାଗରୁ ଟୋପେ ସରିଲେ ଜଳ
ସାଗର କିବା ଶୁଖେ !!

ଯେତେ ଚାହିଁଲେ ପଦୁଟେ କଥା
ହେଲୁନି ତୁ' ମୋ' ସହ
ଥରୁଟେ ଯଦି କଥା ତୁ' ହେବୁ
ସରିଯିବ କି କହ !!

ଯେତେ କବିତା ଲେଖୁଛି ମୁହିଁ
ପଢୁନୁ ଥରେ ହେଲେ
ଖୁସି ତୋହର କମିଯିବ କି
ମନ୍ତବ୍ଯ ଟିକେ ଦେଲେ !!

ସପନେ ଆସୁ ମୁରୁକି ହସୁ
ଧରାଦେଉନୁ ଥରେ
କହୁଛି ସତ ଆଜି ବି ତୋତେ
ମନ ମୋ' ନିତି ଝୁରେ !!

ଏମିତି ନାହିଁ ସକାଳ କେବେ
ତୋତେ ଭାବିନି ମନେ
ତୋ' ଚିନ୍ତା ଛାଡି ଶୋଇପାରିନି
ରାତିରେ କେବେ ଦିନେ !!

ନ କହି ଆଉ ରହି ପାରୁନି
କହିଲି ମୁହଁ ଖୋଲି
ଭଲ ପାଉଛି ଆଜି ବି ତୋତେ
ଭଲ ପାଇବି କାଲି !!

*

ଚାନ୍ଦବାଲି, ଭଦ୍ରକ।

# ପଦେ ମୁଁ କହୁଛି ମନେ ରଖିଥା

ରାଜାରାମ ବେହେରା



ତୋ' ମୋ' ଭିତରୁ କିଏ ଆଗ ଯିବ
ଇଏତ ଜନମ ମରଣ କଥା
ତୋ' ଯିବା ଆଗରୁ ମୁଁ ଯଦି ଯାଏ
ପଦେ ମୁଁ କହୁଛି ମନେ ରଖିଥା !

ମୋ' ଶବ ପାରୁଶେ ଜମା କାନ୍ଦିବୁନି
ମନକୁ କରିବୁ ଟାଣ ପଥର
ବିକଳି ଉଠିବ ଆତ୍ମା ମୋହର
ଝରିବ ଯଦି ତୋ' ଆଖିରୁ ନୀର!

'କେଉଁ ଆଡେ ଗଲା' ବୋଲି ଡାକି ଡାକି
ଖୋଜିବୁନି ଦାଣ୍ଡ, ବାଡ଼ି ଦୁଆର
ସକାଳୁ ସକାଳୁ ଶୂନ୍ୟ ଖଟ ଧାରେ
ଚା' ଧରି ହେବୁ ନାହିଁ ହାଜର !

ଦିନ ଗୋଟେ ବେଳେ ଡାକ ଛାଡ଼ିବୁନି
ଗାଧାଉନ କିଆଁ ଭୋକ ହେଲାଣି
ଗାଧୋଇ ସାରିଲେ ମିଶିକି ଖାଇବା
ତମକୁ କଣ ଭୋକ ହେଉନି?

ଗେହ୍ଲା ନାତି ଜଟୁ ଯଦି ପଚାରିବ
ଜେଜେବାପା ଏବେ କୁଆଡେ ଗଲେ ?
ତାଙ୍କ ଗାଡି ଚାବି କାନ୍ଥରେ ଝୁଲୁଛି
ଗାଡି ନ ନେଇ ସେ କେମିତି ଗଲେ?

ଅଝଟ ନାତିକୁ ବୁଝେଇ କହିବୁ
ଜେଜେ ଯାଇଛନ୍ତି ଗୀତ ଶିଖେଇ
କହି ଯାଇଛନ୍ତି ଫେରିବା ବେଳକୁ
ଖେଳନା ଆଣିବେ ତୋହରି ପାଇଁ !

# ତୁ' ଆଉ ମୁଁ

ରାଜଗୁରୁ ସିଓ

ତୋ' ଆଉ ମୋ' ମଧ୍ୟରେ ପାର୍ଥକ୍ୟ ତ କେବଳ ଏତିକି,
ତୁ' ଚୁଲିର ଧୂଆଁରେ ନିଜର ଅସ୍ତିତ୍ୱକୁ ହଜାଇ ଦେଇଛୁ
ଆଉ ମୁଁ କଳକାରଖାନାର ଧୂଆଁରେ ମୋ ଅସ୍ତିତ୍ୱକୁ ଖୋଜୁଛି ;

ତଫାତ ତ କେବଳ ଏତିକି,
ତୁ' ପରିବାରର ବୋଝକୁ ମୁଣ୍ଡେଇବାରେ ଆଗଭର
ଆଉ ମୁଁ ମାଲିକର ବୋଝକୁ ବୋହିବାରେ ବ୍ୟସ୍ତ !

ଅବୁଝା ତ କେବଳ ଏତିକି,
ତୁ' ଜୀବନକୁ ମରି ମରି ଜିଇଁଛୁ
ଆଉ ମୁଁ ଜୀବନକୁ ଜିଇଁ ଜିଇଁ ମରୁଛି ;

ଫରକ ତ କେବଳ ଏତିକି,
ସବୁ ଦୁଃଖକୁ ତୁ' ମୋ' ଛାତିରେ ଲୁହଧାରରେ ଝରାଉଛୁ,
ଆଉ ମୁଁ ସବୁ ଦୁଃଖ କଷ୍ଟକୁ  ଝାଳରେ ନିଗାଡ଼ି ଦେଉଛି ;

ସମାନତା ତ କେବଳ ଏତିକି,
ସବୁ ପରେ ତୁ' ମୋ' ପାଇଁ ମିଛିମିଛିକା ହସୁଛୁ ,
ଆଉ ମୁଁ ତୋ' ଓଠେ ହସ ଟିକେ ଦେଖିବା ପାଇଁ ହସି ଚାଲିଛି ||

*

ବାଲେଶ୍ୱର

# ଶୀତ ଗୀତ

**ବାସନ୍ତୀ ଦାସ**



ଘାସଫୁଲ ଓଠେ ଚୁମିଲାଣି ଆସି
ଶୀତ ପିନ୍ଧି ତା'ର ଲାଜ ଓଢଣୀ
ରଙ୍ଗ ବେରଙ୍ଗର ଫୁଲ ଫୁଟିଲାଣୀ
ବଗିଚା ସାଜିଛି ସତେକି ରାଣୀ ।

କଜଳପାତିର ସ୍ୱର ଶୁଭିଲାଣି
ବିରହୀ ନାୟିକା ଆଗମ ଜାଣି
ସୁଲୁସୁଲୁ ବାଆ ପଣତ ଉଡାଇ
ଛୁଇଁଲାଣି ତା'ର ଦେହକୁ ଜାଣି ।

ସୁନା ଧାନକ୍ଷେତ ନବବଧୂ ପରି
ହଳଦୀ ପାଟରେ ଘୋଡେଇ ଦେହ
ମଙ୍ଗୁଳା କନିଆ ପରି ଅପେକ୍ଷାରେ
ଖୁସିରେ ଚାହିଁଚି ଆସିବେ ପ୍ରିୟ ।

ସୋରିଷ ଫୁଲରେ ଗଭାକୁ ସଜେଇ
ସବୁଜ କିଆରୀ ହସୁଚି ଦେଖ
ଶୀତ ଆସିଲାଣି ଡାକାଡକି ହୋଇ
କହୁଛନ୍ତି କାଳେ ଦେଖିଲା ଲୋକ ।

ଏଇ ଶୀତ ସତେ କେତେ ବେଦରଦୀ
ବୁଝେନି କାହାକୁ ହେଉଚି କଷ୍ଟ
ତା' ଇଛାରେ ଆସେ ତା' ଇଛାରେ ଯାଏ
କରିଦେଇ ସବୁ ହୃଦୟ ନଷ୍ଟ ।

*

**ସମ୍ପାଦିକା, ଶିଳାଶ୍ରୀ କବିତାୟନ,**
**ଭୁବନେଶ୍ୱର।**
**ମୋ -୯୮୫୩୯୯୩୯୯୩**



# କୁନି ହେଲେ ବି କର୍ମ ତ ବଡ଼

ସନ୍ତୋଷ କୁମାର ପଣ୍ଡା

କୁନିଟିଏ ବୋଲି ଭାବନାହିଁ ମୋତେ
କୁନି ନୁହେଁ ମୋର ମନ,
ଏ କୁନି ମନରେ ଦେଖଇ କେତେ ଯେ
ବଡ଼ ହେବାର ସପନ।

କୁନି ଛୁଆଟିଏ ବାଜିଆ ରାଉତ
ଦେଶ ଲାଗି ଦେଲା ପ୍ରାଣ,
ଧର୍ମପଦ ପୁଣି ଜାତି ହିତ ପାଇଁ
ତନୁ କଲା ସମର୍ପଣ।

ଜୋରାବର ଆଉ ଫତେ ସିଂହ ବୀର
ଦୁହେଁ ତ ଆଦର୍ଶ ପୁତ,
ଧରମ ନାମରେ ଜୀବନ ହାରିଲେ
ମଥା କଲେ ନାହିଁ ନତ।

କୁନି ପିଲାଟିଏ 'ଶିବା' ନାମ ତା'ର
ଗୋମାତାର ଦେଖି କାନ୍ଦ,
ହସ୍ତେ ଖଡ୍ଗ ଧରି ବିଧର୍ମୀ ହାତରୁ
ଛିଣ୍ଡାଇଲା ମୃତ୍ୟୁ ଫାନ୍ଦ।

କୁନି ଝିଅଟିଏ ପିଲା ନାମ 'ମନୁ'
ଦେଖିଥିଲା ସିଏ ସ୍ୱପ୍ନ,
ନିଜ ରାଜ୍ୟ ସହ ଦେଶକୁ କରିବ
ବିଦେଶୀ ହାତୁ ସ୍ୱାଧୀନ।

ଉପମନ୍ୟୁ ପୁଣି ଆରୁଣିର କଥା
କିଏ ଜାଣି ନାହଁ କହ,
ଗୁରୁଭକ୍ତିରେ ସେ ପ୍ରସିଦ୍ଧ ମହୀରେ
କର୍ମେ ହେଲେ ସୁନା ପୁଅ।

ଛୁଆଟି ସେ ଛୋଟ 'କାହ୍ନା' ନାମେ ପ୍ରିୟ
ବଧିଲା ରାକ୍ଷସ ଗଣ,
ଉଦ୍ଧରି ଦେଶକୁ ରଖିଗଲା କୀର୍ତ୍ତି
କଲା ଧର୍ମ ସଂସ୍ଥାପନ।

*

ଗତିରାଉତପାଟଣା, କଟକ।

# ଆସିଲା ଶୀତ

କୈଳାଶଚନ୍ଦ୍ର ବେହେରା

ଆସିଗଲି ମୁହିଁ ଡିସେମ୍ବର ମାସ
ବରଫ କଣାକୁ ଝରାଇରେ ,
ପିଲାଠାରୁ ବୁଢ଼ା ସମସ୍ତଙ୍କ ଦେହ
ଶୀତରେ ଦେବି ମୁଁ ଥରାଇରେ

ଦିନ ଛୋଟକରି ରାତି ବଢ଼ାଇବି ,
ବେଳକୁ ବେଳତ ଥଣ୍ଡା ଚଢ଼ାଇବି ।
ଯୁବକ ଯୁବତୀ ଶୀର୍ଣ୍ଣ କରିଦେବି
ଦେହରୁ ରକତ ହରାଇରେ,
ପିଲାଠାରୁ ବୁଢ଼ା ସମସ୍ତଙ୍କ ଦେହ
ଶୀତରେ ଦେବି ମୁଁ ଥରାଇରେ..

ସକାଳେ ଖରାକୁ ଟାଣି ନେଇଯିବି ,
ସଞ୍ଜବେଳେ ନିଆଁ ପାଖେ ବସାଇବି ।
ଗରମ ପୋଷାକ ପିନ୍ଧିବାକୁ ଦେବି
ପ୍ରବଳଶୀତକୁ ଡରାଇରେ ,
ପିଲାଠାରୁ ବୁଢ଼ା ସମସ୍ତଙ୍କ ଦେହ
ଶୀତରେ ଦେବି ମୁଁ ଥରାଇରେ ..

ଫସଲ କାଟିବ ବିଲେ ଚାଷୀଭାଇ ,
ମୋର ପାଦସଙ୍ଗେ ପାଦକୁ ମିଳାଇ
କବି ସଉରଭ କହନ୍ତି ପୂଜିବ
କମଳାଙ୍କୁ ଫୁଲ ଧରାଇରେ ,
ପିଲାଠାରୁ ବୁଢ଼ା ସମସ୍ତଙ୍କ ଦେହ
ଶୀତରେ ଦେବି ମୁଁ ଥରାଇରେ...

*

ବାଲିଗୁଡ଼ା ,
କନ୍ଧମାଳ

# ଶୀତ

**ବ୍ରଜେଶ୍ବରୀ ସିଂହ**

ଶୀତ ଆସିଲା କ୍ଷେତ ପୁରିଲା
ଦିନ ହୋଇଲା ଛୋଟ
ଧରଣୀ ରାଣୀ ସଜେଇ ହେଲା
ପିନ୍ଧି ହଳଦୀ ପାଟ ।
ଚାଷୀ ପୁଅର ମନ ହରଷ
ଧାନ ଅମଳ ପାଇଁ
ପରଜାପତି ଉଡି ବୁଲଇ
ଡାଳରୁ ଡାଳ ତହିଁ ।
ନାନାଜାତିର ଫୁଲ ଫଳରେ
ବଗିଚା ଉଠେ ହସି
ସଭିଏଁ ପିଲା ସାଙ୍ଗ ହୋଇଣ
ଭୋଜି କରନ୍ତି ବସି ।
ଶୀତ ମାଉସୀ କହିଲା ଆସି
ମୁଁ ପରା ତୁମ ମିତ
ଶୀତ ଋତୁଟେ ଅଛି ବୋଲି ତ
କରେ ଜଗତ ହିତ ।
ନ ଥିଲେ ମୁହିଁ ତୁମରି ପାଇଁ
ରୋଗେ ପଡନ୍ତ ତୁମେ
ସବୁ ଋତୁ ଯେ ତୁମରି ପାଇଁ
ରହିଛି ଧରା ଧାମେ ।

*

**ଶିଶୁ ସାହିତିକା ତଥା ସଂପାଦିକା**
**" ବଉଳଫୁଲ "**
**ଯାଜପୁର ରୋଡ , ଯାଜପୁର**

# ପ୍ରାରବ୍ଧ



**ଚୁମୁକି ଦାଶ (ମିଶ୍ର)**

ପୂର୍ବ ଜନ୍ମର କର୍ମ ବଳେ, ପ୍ରାଣୀ ଏ ମିଳନ୍ତି ସକଳେ
ପାପପଙ୍କରେ ଘାଣ୍ଟି ହୋଇ, ପୁଣ୍ୟକୁ ଭୁଲି ପାପେ ରହି

ପ୍ରାରବ୍ଧ ଯହିଁ ନ ଭୋଗିଣ, ମୃତ୍ୟୁ ଲଭିଲେ ଜୀବ ଗଣ
ପୁନଃ ମିଳନ୍ତି ସଂସାରରେ, ସଂସାର ଦୁଃଖ କାରାଗାରେ

କରଇ କେତେ କର୍ମ ମାନ, ସ୍ୱାର୍ଥକୁ ଦେଇ ଶ୍ରେଷ୍ଠାସନ
ସବୁ ବୋଲଇ ମୋର ମୋର, କେହି ନୁହଁନ୍ତି ଆପଣାର

ଶ୍ରୀହରି ନାମ ନାହିଁ ତୁଣ୍ଡେ, ମୁଁ-କାର ଗର୍ବେ ମହୀ ମଣ୍ଡେ
ଜନ୍ମ ମରଣ ଚକ୍ରାକାରେ, ନିସ୍ତାର ନାହିଁ ପାପ ଭାରେ

କର୍ମ ଜାଣିଣ ଫଳ ଦେଇ, ସୁକୃତ ପୁଣ୍ୟ ସୁଖପାଇ
ଶାସ୍ତ୍ର ଅବଜ୍ଞା ଧର୍ମ ହାନୀ, ଜୀବନ ପାପପଙ୍କେ ପୁଣି

ପିତାମାତାଙ୍କ ହୃଦେ କଷ୍ଟ, ଦେଇଣ ପୁତ୍ର ଯେ ସନ୍ତୁଷ୍ଟ
ହତାଶା ଭରି ପରିବାରେ, ଘାଣ୍ଟି ହୁଅଇ ନରକରେ

ଋଣ କରିଣ ନ ଶୁଝଇ , ଯମ ହସ୍ତରେ ଦଣ୍ଡ ପାଇ
କଲା କର୍ମର ଫଳମାନ, ପୁନଃ ଜନ୍ମିଣ ଭୋଗେ ପୁଣ

ପ୍ରାରବ୍ଧ ଲଭି ଜନ୍ମାନ୍ତରେ, ଦୁଃଖରେ ପୁଣି କାରାଗାରେ
ସଂସାର ବନ୍ଧନେ ଆବଦ୍ଧ, ଆତ୍ମା କଦାପି ନାହିଁ ଶାନ୍ତ

*

**ବଲାଙ୍ଗୀର**

# ଶ୍ରୀରାମ ବନ୍ଦନା

ଜ୍ୟୋତିପ୍ରଭା ପଟ୍ଟନାୟକ



କାଣ୍ଡ କୋଦଣ୍ଡଧାରୀ
ହେ ପ୍ରଭୁ ରାବଣାରୀ
ଶୁଣିବା ହେଉ ମୋର ଦୁଃଖ
ଦଶରଥ ନନ୍ଦନ
ପ୍ରଭୁ ଜଗତବନ୍ଦନ
ମୋ' ଠାରେ କାହିଁକି ବିମୁଖ
ହେ ରଘୁନାଥ, ଘେନ ଅଧମ ପ୍ରଣୀପାତ ।
ତାରି ଅହଲ୍ୟା ବାଳା
ପଥରେ ଥିଲା ଶିଳା
ଚରଣ ରେଣୁ ଥିଲ ଦେଇ
ମୋ' ଦୁଃଖ ଶିଳା ଭାର
ତା' ଠାରୁ କିବା ଘୋର
ପାଦରେ ଦେଉଛ ଆଡେଇ
ହେ ରଘୁନାଥ ,ଜ୍ୟୋତିକୁ ଦିଅ ଦିବ୍ୟପଥ।
ପ୍ରଜାନୁରଞ୍ଜନ ରାମ
ମର୍ଯ୍ୟାଦାପୁରୁଷୋତ୍ତମ
ହୋଇଲ ଦିନେ ଗଙ୍ଗାପାରି
ଭକ୍ତିଭାବକୁ ଘେନି
ବଢ଼ାଇ ପଦ ବେନି
କୈବର୍ତ୍ତକୁ ଦେଲ ଉଦ୍ଧରି
ହେ ରଘୁନାଥ, ନ କର ମୋତେ ଅନାଥ।
ସୂର୍ଯ୍ୟବଂଶୀ ନାୟକ
ସୀତା ଅଙ୍କ ଶାୟକ
ମର୍ତ୍ତ୍ୟରେ ନେଲ ଅବତାର
ମାରି ଦୁଷ୍ଟ ଅସୁର
ଉଶ୍ୱାସି ପୃଥୀ ଭାର
ତୁମ ଗୁଣ କେ ବର୍ଣ୍ଣି ପାରିବ
ହେ ଚାପଧାରୀ, କରିବ ଭବାର୍ଣ୍ଣବୁ ପାରି
ଅନାଥ ଜନ ନାଥ
ତୁମେ ନାଥଙ୍କ ନାଥ
ମୋ' ଦୁଃଖ ଭାର ଗୁରୁତର
ଭାସୁଛି ଦୁଃଖାର୍ଣ୍ଣବେ
ଉଦ୍ଧାର ଅବିଳମ୍ବେ
ଭକ୍ତ ଯିବକି ରସାତଳ
ହେ ରଘୁବଂଶୀ,ଭକ୍ତକୁ ରଖିବ ଆଶ୍ବାସୀ।
ସ୍ୱର୍ଣ୍ଣ କଳସ କ୍ଷେତ୍ର
ନାମେ ଓଡ଼ଗାଁ ଖ୍ୟାତ
ଶ୍ରୀରଘୁନାଥଙ୍କ ମନ୍ଦିର
ରାମ ଲକ୍ଷ୍ମଣ ସୀତା
ହେଉଛନ୍ତି ପୂଜିତା
ସାଥେ ହନୁମାନ ଭକ୍ତବୀର
ରାମତାରକ ମନ୍ତ୍ର ଜପି
କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କବି
ଉଡ଼େ କୀର୍ତ୍ତି ପତାକା
କ୍ଷିତିରେ ପଡୁଛି ଡକା
ରଖ ହେ ଶ୍ରୀରାମ ରାଘବ
ଦୁଃଖ ନାଶନ ବାନା
ଉଡାଅ ମହାମନା
ବିଶ୍ୱକୁ ରଖ ପଦ୍ମମୁଖ
ହେ ରଘୁନାଥ,ଶୁଣିବା ହେଉ ମୋ' ଆରତ।

*

ଖୋର୍ଦ୍ଧା

# ଗଙ୍ଗଶିଉଳି

**ସୂର୍ଯ୍ୟକାନ୍ତି ଦାଶ**



ସୁନ୍ଦର ବାର୍ତ୍ତା
କ୍ଷୁଦ୍ର ଗଙ୍ଗଶିଉଳି
କୋମଳ ରୂପ ଝଳି
ରାତ୍ରରେ ଫୁଟି
ପ୍ରାତଃ ଯାଏ ସେ ଲୋଟି
ସମାଜେ ଦିଏ ଭେଟି
ଆଶା ସଞ୍ଚରି
ରୂପେ ବଡ଼ ସୁନ୍ଦରୀ
ସୁବାସ ବାସଭରି
ବାସ୍ନାରେ ତାର
ହସେ ସାରା ସଂସାର
ନାହିଁ ବାଛବିଚାର
ମାଟିରେ ମିଶି
ମନ ତଥାପି ଖୁସି
ବାସୀ ହେଲେ ସେ ବାସେ
ଦିଏ ପ୍ରେରଣା
ମନେ କେବେ ନକର
ଅନୁଶୋଚନା
ସଦା କର୍ମ ଧର୍ମରେ
ଲଗାଅ ମନ
ମାୟା ମୋହିତ
ସୁଖ ଦୁଃଖ ମିଶ୍ରିତ
ପ୍ରଭୁ ଚରଣାଶ୍ରିତ ।

*

ଓଗାଳପଡା, ଜଟଣୀ

# ଧୂଆଁ

**ବସନ୍ତ କୁମାର ସାହୁ**



ନିଆଁ ତ ନଥିଲେ ଧୂଆଁ ଉଠେ ନାହିଁ
କଥା ରହିଅଛି ଲୋକଙ୍କ ମୁଖରେ
ଆଦିମ କାଳରୁ ରୁଢ଼ି ପ୍ରୟୋଗରେ
କିଛି ସତ କିଛି ମିଛ ତ ମିତରେ ।।
ନଦୀ ବହି ଆସେ ଅନେକ ଦୂରରୁ
ଘାତ ପ୍ରତିଘାତ କହରେ ବାଟୋଇ
କେବେ ନିରାନନ୍ଦ କେବେ ଆନନ୍ଦିତ
ଧୂଆଁଧାର ହୋଇ ପାହାଡ଼ୁ ଖସଇ ।।
ଅନେକ ଉଚ୍ଚରୁ ନଦୀପଡେ ତଳେ
ଜଳ ପ୍ରପାତକୁ ଭାରି ଭୟ ଲାଗେ
ସମୟ ପାଇଲେ ଛୁଟିଯାନ୍ତି ଲୋକେ
ପ୍ରକୃତିର କ୍ରୋଡ଼େ ଲୋଟନ୍ତି ଆନନ୍ଦେ ।।
ଚାଲୁ ଉଠେ ଧୂଆଁ ପାହାନ୍ତି ପହରେ
ଧାନ ଉଷା ହାଣ୍ଡି ବସାଇ ଚୁଲିରେ
ବାହୁନି କାନ୍ଦଇ ପ୍ରତିଧ୍ୱନି ଶୁଭେ
ବଡ଼ ସେ ଦରଦି ଆଖିର ଧୂଆଁରେ ।।
ଧୂର କୁଣ୍ଡଳିରେ ଜୀବନ ଯାତନା
କିଛି ରହିଯାଏ ହୃଦୟ ଭିତରେ
ଶେଷ ଧୂଆଁ ଧାର ମଶାଣି ଭୂଇଁରେ
ଯାତ୍ରା ସେ ଅଧୁରା ସ୍ମୃତି ପଟ୍ଟକାରେ ।।

*

ଦେଉଳି, ଖୋର୍ଦ୍ଧା



# ପରିବର୍ତ୍ତନର ସ୍ୱର......

**କିଶୋର ଚନ୍ଦ୍ର ପ୍ରଧାନ**

କେଉଁ ଦିନରୁ ସମୟ ସ୍ରୋତରେ
ଭାସି ଯାଇଛି ଅତୀତ !
ଚନ୍ଦ୍ରଗୁପ୍ତଙ୍କ ଶାସନକାଳରୁ
ସମ୍ରାଟ ବିନ୍ଦୁସାର,
ଚଣ୍ଡାଶୋକରୁ ଧର୍ମାଶୋକ,
ହିଂସାରୁ ଅହିଂସା ଯାଏଁ...
ଲମ୍ବି ଚାଲିଛି ଘଟଣାବଳୀ
ବିଶାଳ ଭାରତୀୟ ସଭ୍ୟତା...!
ମୋଗଲ ମରହଟ୍ଟା,
ଇଂରେଜଙ୍କ ଏକଛତ୍ର ଶାସନ,
କେତେ କେତେ କ୍ରାନ୍ତିକାରୀ...
ବୀର ଜନ୍ମିଛନ୍ତି ଏଠି
ମାତୃଭୂମି ପାଇଁ ଢାଳି ମନପ୍ରାଣ
ତିଳତିଳ କରି
ଦେଇ ବଳିଦାନ,
ରଖିଥିଲେ ମାଟି ମାଆର ଟେକ..!
ହିରୋସୀମା ନାଗାସାକୀରୁ
ପାକିସ୍ତାନ ବର୍ଡର,
ଚୀନର ଲାଲ୍ କରିଡରରୁ
ଆମେରିକୀୟ ବର୍ଣ୍ଣ ବୈଷମ୍ୟ
ଯୁଦ୍ଧ ପରେ ଶାନ୍ତି,
ଘଟଣାବଳୀର ଫର୍ଦ୍ଦ ଫର୍ଦ୍ଦ ତାଲିକା..
ବିଶ୍ୱ ଜଗତକୁ ଦେଖାଇଥିଲା ଦିନେ
ବଞ୍ଚିବାର ନୂତନ ମାର୍ଗ..!
ଗାନ୍ଧୀବାଦ ଆଜି କବର ତଳେ !
ବୌଦ୍ଧଧର୍ମ ଲୁପ୍ତପ୍ରାୟ,
ଶତଶତ ଚଣ୍ଡାଶୋକ
ଦୟାନଦୀ ତୀରେ ଅପେକ୍ଷିତ
ଧଉଳିଗିରିରୁ ଶୁଭୁଚି
ବୁଦ୍ଧମ୍ ଶରଣାମ୍ ଗଚ୍ଛାମିର ସ୍ୱର !
ଶାନ୍ତିସ୍ତୁପଠାରେ ଧ୍ୟାନମଗ୍ନ
ନାଥୁରାମ ଗଡସେ୍ ଆଜି ଅନୁତପ୍ତ...!
ହେଇ...ଚୀନ ସୀମାନ୍ତରୁ ଶୁଭିଲାଣି
କରୋନା ପରବର୍ତ୍ତୀ ପରିବର୍ତ୍ତନର ସ୍ୱର...
କାଶ୍ମୀର ମଥାରୁ ଦିଶିଲାଣି
ବିକାଶର ଶତଶତ ଆଲୋକର ଚିହ୍ନ
ମୌନଭଙ୍ଗ ହୋଇନାହିଁ ଋଷିଆର
ଯୁଦ୍ଧମ୍ ଦେହୀର ଡାକରାରେ ବିଶ୍ୱ ଥରହର
ଜାପାନ କରିବ ମଧ୍ୟସ୍ଥି ଗ୍ରେଟ୍ ବ୍ରିଟେନରେ
ଆୟୋଜିତ ହେବ ବିଶ୍ୱ ସମ୍ମିଳନୀ
ଅଚିରେ ଲାଘବ ହେବ କି ତୃତୀୟ ବିଶ୍ୱ
ମହାଯୁଦ୍ଧ..?

**ସଦସ୍ୟ**
**ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ସଭାପତି,**
**ମାଟିଲଗ୍ନା ସାହିତ୍ୟ ସଂସଦ,**
**ଓଡ଼ିଶା ମାଲକାନଗିରି**



# ତୁମରି ଶରଣେ ରଖ

ବାସନ୍ତୀ ଦେଇ

ସବୁ ବନ୍ଧନରୁ     ମୁକ୍ତକରି ମୋତେ
    ତୁମରି ଶରଣେ ରଖ
ଭବ ପାରାବାର     ପାରି କରିନେବ
    ଆହେ ଜଗତ ପାଳକ।୧।
ଅଳୀକ ସଂସାରେ     ଏ ରଙ୍ଗମଞ୍ଚରେ
    ତୁମେ ପ୍ରଭୁ ନିର୍ଦ୍ଦେଶକ
ତବ ଇଙ୍ଗିତରେ     ଏ ରଙ୍ଗମଞ୍ଚରେ
    ନାଟକ କଲି ଅନେକ।୨।
ସଫଳ ବିଫଳ     ଅଭିନୟେ ମୋର
    ହାର୍ ଜିତ ଯାହା ହେଲା
ସବୁ ଫଳାଫଳ     କରୁଛି ଅର୍ପଣ
    ଘେନାକର ନନ୍ଦ ଲାଲା।୩।
କରିଛି ଭରସା     ତୁମକୁ ପ୍ରଭୁ ହେ
    ମାତୃଗର୍ଭେ ଥିବାବେଳୁ
ଜୀବନ ଯାତ୍ରାରେ     ଉଦ୍ଧାରିଛ ପ୍ରଭୁ
    ବାଟେ ଝୁଣ୍ଟି ପଡୁପଡୁ ।୪।
ଭୁଲ୍ ପଥେ ଗଲେ     ରାସ୍ତା ଦେଖାଇଛ
    ସେହି ତ କୃପା ତୁମର
ତୁମରି ଆଶିଷ     ଝରିପଡୁ ସଦା
    ଧ୍ୟାୟିଛି ତବ ପୟର।୫।

*

ଖୋର୍ଦ୍ଧା



# ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ

**ଅଳକା ଦାସ**

ଅତୀତର ସ୍ମୃତି ବିଜଡିତ,
ବିଦଗ୍ଧ  ଜୀବନର  ଆଉ ହତାଶାର ଚିହ୍ନ,
ଅପାସୋରା ଅଛିଣ୍ଡା ଗପର
କୁହେଳି ମାଳିକା
ତିକ୍ତତାର  ଅନୁଭୂତି ଯାହା କେବେ ଭୁଲିବାର ନୁହେଁ ।

ବର୍ତ୍ତମାନ ସମୟର ସୁଅ
ଉଠାଣି ଗଡ଼ାଣି ଆଉ
ଅଙ୍କାବଙ୍କା ରାସ୍ତାର ପଥିକ
ସେକେଣ୍ଡ କଣ୍ଟାର  ତାଳ  ନେଇ
ଝୁଣ୍ଟିପଡି ଆଗକୁ ଆଗକୁ ଚାଲିବାର ନିଶା
କେବେ ଜିତୁ ଜିତୁ ହରିବାର ସ୍ୱାଦ (ବିଷାଦ )
ଆଉ କେବେ ହାରୁହାରୁ ଜିତିବାର
ଅଦମ୍ୟ ପ୍ରଚେଷ୍ଟା ।

ଭବିଷ୍ୟତ ସବୁବେଳେ ଅନ୍ଧକାରମୟ
ସ୍ୱପ୍ନ ତା'ର ଆଶା ଅସୁମାରୀ
ନୀଳକଇଁ ମନ ନେଇ, ରୂପାଜହ୍ନ  ପାଇବାର ନିଶା
ପୋଖରୀରେ ପଦ୍ମ  ହୋଇ ସ୍ୱର୍ଣ୍ଣ-ସୂର୍ଯ୍ୟ ମିଳନର  ଆଶା
ପ୍ରଜାପତି ମନ ନେଇ
କଳ୍ପନାର - ମଧୁବନେ ଉଡିବାର ଇଚ୍ଛା
ସୁଖର ସାଗର ତୀରରେ
ଭାବନାର - ବାଲିଘର ତୋଳିବାର ପିପାସା
କିଏ ଜାଣେ କାହା ଭାଗ୍ୟେ ଅଛି କେଉଁ ଲେଖା..?

# ନିବେଦନ

ସୁରେଶ ଚନ୍ଦ୍ର ରଥ



୧

ଭକତ ବତ୍ସଳ ହରି, ନାରାୟଣ ଗିରିଧାରୀ,
ଶୁଣ ବାରେ କର୍ଣ୍ଣ ଡେରି, ଡାକେ ଭକତ
ଭକତର ଡାକ ତୁମେ, ନ ଶୁଣି ପାର କି କର୍ଣ୍ଣେ,
ଚକ୍ଷୁଶ୍ରବା ଦୃଷ୍ଟି ସମ  ବାରେ ଢାଳ ତ,
କାହିଁ ଅବା ଶୁଣିବ ଡାକ,
କି ଧନ ଦେଇ ପାରିବି ସ୍ୱାର୍ଥ ଜଡିତ ।

୨

ଦ୍ରୌପଦୀ ମାନ ରଖିଲ,ଗଜ ଉଦ୍ଧାରଣ କଲ,
ଦଶ ଅବତାର ନେଲ ,ଭକ୍ତ ରଖିଛ
ସୁଗ୍ରୀବ ସହ ମିତ୍ରତା,ବିଭୀଷଣେ ରାଜସତ୍ତା
ମାମୁଁ କଂସର ଧୃଷ୍ଟତା ପ୍ରଭୁ ଭାଙ୍ଗିଛ,
ନଟକୁଟ ରସ ନାଗର
ଗୋପୀ ବସ୍ତ୍ର ହରଣରେ ହୃଦୟ ଚୋର।

୩

ସତୀ ପଣେ ଅନସୂୟା, ଧରିଲେ କୋଳରେ ମାୟା,
ମାୟାଧରଙ୍କର ମାୟା, କିଏ ବା ଜାଣେ
ଗରୁଡ଼କୁ ସୁଦର୍ଶନ, ଅର୍ଜୁନକୁ ହନୁମାନ,
ଲଢାଇ, ଗର୍ବ ଗଂଜନ, ଦେଖ ଆପଣେ
ବିଶ୍ୱାଧାର ନାମ ବହିଛ
ସର୍ବବ୍ୟାପି ଜନାର୍ଦ୍ଦନ ଦାରୁରେ ଅଛ ।

୪

ଦାସିଆ ନଡିଆ ନେଇ,ବନ୍ଧୁ ଥାଳେ ଅନ୍ନ ଦେଇ
କୁବୁଜାକୁ ରୂପ ଦେଇ, ସଦା ହସୁଛ
ଜୟଦେବ ଘରେ ଯାଇ ,ଶ୍ରୀ ହସ୍ତରେ ଲେଖି ଦେଇ,
ପଦମାରେ ଦେଖା ଦେଇ, ଯଶ ରଖିଛ,
ସେହି ପ୍ରଭୁ ନୁହଁ କି ତୁମ୍ଭେ
ଭକ୍ତ ସୁରେଶ ଡାକଇ ନ ଶୁଣ ଲବେ।

*

**ଜଟଣି, ଖୋର୍ଦ୍ଧା**
୯୭୭୭୨୩୮୬୪୦

## ଭଙ୍ଗା ସିଲଟ

ରେଣୁକା ରଥ



ଜୀବନଟା ଏକ ଭଙ୍ଗା ସିଲଟ
କିଏ କଣ ଜାଣି ଥାଏ,
ବାଟ ଚାଲୁ ଚାଲୁ କେମିତି କେଜାଣି
ସ୍ୱପ୍ନ ସବୁ ହଜି ଯାଏ।
ଜୀବନ ରଙ୍ଗଟା ଫିକା ପଡି ଯାଏ
ଚାଲିବାତ ସରେ ନାହିଁ,
ଅସୁମାରୀ ସ୍ୱପ୍ନ ହଜି ହଜି ଯାଏ
ସଂଘର୍ଷ ଜିଣିବା ପାଇଁ,
ଜୀବନଟା ଏକ ପୂର୍ଣ୍ଣ ରଙ୍ଗ ମଞ୍ଚ
ସୁଖ, ଦୁଃଖ ଦୁଇ ସାଥୀ।
ବାରିଛେ ଶପଥ ଅଭିନୟ ଆମ
ରଖିବାନି କିଛି ବାକି,
ଭଙ୍ଗା ସିଲଟରେ ଲେଖିବାକୁ ହେବ
ଜୀବନର ସବୁ ଖେଳ,
ସାଜିବାକୁ ହେବ ପୂର୍ଣ୍ଣ କାରିଗର
ଆସେ ଶେଷ ଯବନିକା ବେଳ।
ଲେଖି ଲେଖି ଯାଆ ଜୀବନ କାହାଣୀ,
ଦିଶୁ ପଦ ଚିହ୍ନ ଢଳ ଢଳ,
ଭଙ୍ଗା ସିଲଟ ବି ଦେଖାଇ ଯେ ଦେବ,
ବୁଦ୍ଧିମତ୍ତା କୌଶଳ।
ବୁଦ୍ଧିମତା କୌଶଳ।

*

ଖୋର୍ଦ୍ଧା
ମୋ-୯୧୧୩୮୮୪୩୯୦

## ଶୀତକୁ ହୁଏନା ଚିହ୍ନି

ଯମେଶ୍ୱର କହଲସିଂହ



ଶୀତକୁ ଏବେ ତ
ଚିହ୍ନି ହେଉନାହିଁ
ମଣିଷ ପରି ସେ ପିନ୍ଧିଛି ମୁଖା
ଶୀତ ଆସିଗଲେ
କୁହୁଡ଼ି କାକରେ
ଶୁଭୁନି ପ୍ରିୟାର କାନ ଝୁମୁକା ।।0।।
ଶୀତ ଆସେ ଯେବେ
ଗେଣ୍ଡୁ ଫୁଲ ହସେ
ରୂପସୀ ଦେଖନ୍ତି ନୂଆ ସପନ
ବିଦେଶରେ ଥିବା ପୁଅଙ୍କ ପରିକା
ବଦଳେ ଶୀତର ଚାଲି ଚଳନ,
ଶୀତ କା' ମନରେ କମ୍ପନ ଭରେ
ଫିକାକରେ କା'ର ଜୀବନ ରେଖା ।। ୧ ।।
ବଢ଼ିଲା ଝିଅର ନିଷ୍ପତି ଭଳି
କଠୋର ହେଉଛି ଶୀତ ନିଷ୍ପତି
ବେଳେବେଳେ ସିଏ
ଅସହିଷ୍ଣୁ ହୁଏ
ରେଜେଇ ଭିତରେ ଫୁଲାଇ ଛାତି,
ନିଉଜ୍ କହୁଛି
ଦାରିଙ୍ଗବାଡିରେ
ଶୀତ ମାରୁଅଛି ଚଉକା ଛକା ।।୨ ।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା
ମୋ : ୯୭୭୬୧୭୯୦୭୮

# ହେ ବିଦାୟୀ ବର୍ଷ !

**ନିଶିକାନ୍ତ କହଲସିଂହ**



ହେ ବିଦାୟୀ ବର୍ଷ ! ତୁମେ କାଳଗର୍ଭେ ଲୀନହୋଇ ପୁଣି
ଆସିବନି କେବେ ଥରେ ସ୍ମୃତି ହୋଇ ଆଉ ମୋ' ଜୀବନେ,
ଲୋଡାନାହିଁ ବଞ୍ଚିବାକୁ ଅତୀତର ପାଦଚିହ୍ନ ଗଣି
ମୋ' ବର୍ତ୍ତମାନର ସ୍ୱପ୍ନ ଫିଙ୍ଗିଦେଇ ନିରାଟ ନିର୍ଜନେ ।।

ହେ ବିଦାୟୀ ବର୍ଷ ! ତୁମେ ଯିବ ଯଦି ଯାଅ ଅନନ୍ତକୁ
ମୋ' ଅନ୍ତରେ ମୋ' ବାହାରେ ତୁମଲାଗି ତିନିଗାର ଟଣା,
ତୁମ ସ୍ମୃତି ନିଦାଘରେ ଜଳାଇ ମୋ' ବାସ ବସନ୍ତକୁ
କାଟିବାକୁ ଚାହେନା ମୋ'  କୁନିକୁନି ମୁଲାୟମ ଡେଣା ।।

ହେ ବିଦାୟୀ ବର୍ଷ ! ତୁମେ ଶୋଇଯାଅ ଶରଶଯ୍ୟା ପରେ
ଉଠିବାକୁ ଚାହିଁବନି ଉଠିଲେବି ଚାହିଁବନି ମୋତେ,
ଦିଅ ଦିଅ ଦିଅ ମୋ'ର 'ଏବେ'କୁ ମୁଁ ପରିଚର୍ଯ୍ୟା କରେ
ମୁଁ ଆଙ୍କିବି ମୋ' ଇଚ୍ଛାରେ ମୋ' ହାତର ଭାଗ୍ୟରେଖା ଯେତେ ।।

ହେ ବିଦାୟୀ ବର୍ଷ ! ଶୁଣ ତୁମକୁ ମୋ' ଲକ୍ଷେରାଣ ଦେଲି,
ଦେହ ଦୂରେଥାଉ ମୋ'ର, ଛାଇକୁ ବି ଚାହିଁବନି ବୁଲି ।।

**ଲୋକିପୁର, ଗଡ଼ମାଣତୀର , ଖୋର୍ଦ୍ଧା**
**ମୋ : ୯୯୩୭୯୫୩୫୨୬**

# ମୃତ୍ୟୁ

**ସାରଙ୍ଗଧର ଷଡ଼ଙ୍ଗୀ**

ଜୀବନ ଦୁଆରେ
ମରଣ କରାଘାତ
କରେ ଯେବେ।
ଅତିଥି ଚର୍ଚ୍ଚା ହୋଇଥାଏ ସେବେ।
ପଚାରିବି ତାଙ୍କୁ.......
କିସ ମୁହିଁ ସମର୍ପିବି....,
ରୋଗଶଯ୍ୟାରେ ପୀଡ଼ିତ
ବୃଦ୍ଧ ବାପା ମୋ'ର..........।
ଯଦି ଚାହୁଛ ତାଙ୍କୁ
ଜୀବନ ଜଞ୍ଜାଳୁ ମୁକ୍ତି କର ।
ମୋ' ଜୀବନ ପୂର୍ଣ୍ଣତା ....
ପ୍ରାପ୍ତ ହୋଇନାହିଁ......।
ସମସ୍ତ ଶିଶିର, ମଳୟ ,ବସନ୍ତର
ମଧୁ ଚାଖିନାହିଁ..........।
ମୋ' ଜୀବନର ସମସ୍ତ
ସଞ୍ଚିତ ଧନକୁ ସମର୍ପି ଦେଉଛି,
ମୋତେ ଆଉ କିଛିକ୍ଷଣ ବଞ୍ଚିବାକୁ ଦିଅ,
ନଚେତ୍ ଶୁନ୍ୟ ହସ୍ତରେ ଫେରିଯାଅ.....।।

*

ମୋ- ୮୨୪୯୨୨୩୭୨୬

Ama Kabita ◆ Volume : I ◆ Issue : 12 ◆ December 2022



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମିରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ




ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଇ
ସହଯୋଗୀ ସମ୍ପାଦକ